ଧରିତ୍ରୀ
DHARITRI
ଶୁକ୍ରବାର, ୨୮ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### ରେଲୱେ ଓଭରବ୍ରିଜ ଅନୁଧ୍ୟାନ କଲେ ଆରଡିସି

**ବ୍ରହ୍ମପୁର ଅଫିସ,୨୭।୨:** ଦକ୍ଷିଣାଞ୍ଚଳ ଆରଡିସି ଟି. ଆଓ ଗୁରୁବାର ସନ୍ଧ୍ୟାରେ ଅଚାନକ ସ୍ଥାନୀୟ ଶିଳ୍ପାଞ୍ଚଳକୁ ଆସି ଇଞ୍ଜିନିୟରିଂ ସ୍କୁଲ ନିକଟରୁ ଆଙ୍କୁଲି ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ରେଲୱେ ଓଭରବ୍ରିଜ କାମ ଅନୁଧ୍ୟାନ କରିଥିଲେ। ପୂର୍ତ୍ତ ବିଭାଗ ଯନ୍ତ୍ରୀ, ରାଜସ୍ୱ ଅଧିକାରୀ ଓ ସମ୍ପୃକ୍ତ ଠିକା ସଂସ୍ଥା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣ ଅହେତୁକ ବିଳମ୍ବ ଯୋଗୁ ସେ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ କାମ ସମ୍ପୂର୍ଣ୍ଣ କରିବାକୁ ଗଞ୍ଜାମ ଡିଭିଜନ ୨ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।
ସୂଚନାଯୋଗ୍ୟ, କେତେକ ବେଆଇନ ଜବରଦଖଲକାରୀଙ୍କ ଯୋଗୁ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ଗଞ୍ଜାମ ଜିଲାପାଳ ଓ ବ୍ରହ୍ମପୁର ଉପଜିଲାପାଳଙ୍କ ହସ୍ତକ୍ଷେପ ଯୋଗୁ ସେସବୁ ଉଚ୍ଛେଦ କରାଯାଇଛି। ଏବେ ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଛି। ଶିଳ୍ପାଞ୍ଚଳ ସକଳେଶ୍ୱର କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ବ୍ରହ୍ମପୁର ଅଫିସ, ୨୭।୨:** ବ୍ରହ୍ମପୁର ଆମ୍ବପୁଆସ୍ଥିତ ସିଟି କଲେଜରେ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଅଧକ୍ଷା ପୁଷ୍ପାଞ୍ଜଳୀ ସାବତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅଞ୍ଜଳି ପାତ୍ର, ମେଘନାଥ ପ୍ରଧାନ, ମିନତି ପାତ୍ର, ପ୍ରତାପ ସୁରେନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ ଅତିଥିମାନେ ସହଯୋଗ କରିଥିଲେ ।
ଅଧାପକମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ଦେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ବାଇକ୍ ଚୋରି ଅଭିଯୋଗ

**ଛତ୍ରପୁର,୨୭।୨(ଡି.ଏନ.ଏ):** ଛତ୍ରପୁରସ୍ଥିତ ଆର୍‌ଟିଓ ଅଫିସ ସମ୍ମୁଖ ପାର୍କିଂସ୍ଥଳରୁ ଗୁରୁବାର ଅପରାହ୍ନରେ ଏକ ବାଇକ୍ ଚୋରି ହୋଇଛି । ଏ ନେଇ ବାଇକ ମାଲିକ ବ୍ରହ୍ମପୁର ସଦର ଥାନା ଅଧୀନ ଆଙ୍କୁଶପୁରର ଡି. କାଳିଆ ରାଓ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ଆର୍‌ଟିଓ ଅଫିସ ସମ୍ମୁଖ ପାର୍କିଂରେ କାଳିଆ ତାଙ୍କ ବାଇକ୍ (ନଂ.ଓଡି୦୭ଟି ୭୮୩୧) ରଖି ଡ୍ରାଇଭିଂ ଲାଇସେନ୍ସ ପାଇଁ ଧାଡ଼ିରେ ଠିଆ ହୋଇଥିଲେ । କିଛି ସମୟ ପରେ ଆସି ପାର୍କିଂରେ ବାଇକ୍ ନ ଥିବା ସେ ଦେଖିଥିଲେ ।

# ସିଏଏ, ଏନ୍‌ପିଆର, ଏନ୍‌ଆରସିକୁ କରାଯିବ ବିରୋଧ

**ବ୍ରହ୍ମପୁର ଅଫିସ,୨୭।୨**

**ବ୍ରହ୍ମପୁରରେ ଏସ୍‌ଏଫଆଇର ସମାବେଶ ୨୯ରେ**
- ଯୋଗଦେବେ ଜାତୀୟ ନେତ୍ରୀ ବିପ୍‌ସିତା ଧର

କେନ୍ଦ୍ର ସରକାରଙ୍କ ଅଗଣତାନ୍ତ୍ରିକ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଏନପିଆର ଓ ଏନଆରସିକୁ ବିରୋଧ କରି ଭାରତର ଛାତ୍ର ଫେଡେରେଶନ (ଏସଏଫଆଇ) ଗଞ୍ଜାମ ଜିଲା ଶାଖା ପକ୍ଷରୁ ଆସନ୍ତା ୨୯ ତାରିଖରେ ସମାବେଶ ହେବ। ଉପରୋକ୍ତ ଆଇନ ସଂଶୋଧନ କାହିଁକି ସମ୍ବିଧାନ ବିରୋଧୀ ଏବଂ ଜେଏନୟୁ ଛାତ୍ର ଆନ୍ଦୋଳନ ଶୀର୍ଷକ ଆଲୋଚନାଚକ୍ର କରାଯିବ। ହିଲପାଟଣାସ୍ଥ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ଏଫଆଇର ସର୍ବଭାରତୀୟ ନେତ୍ରୀ ତଥା ଯୁଗ୍ମ ସମ୍ପାଦିକା ବିପ୍‌ସିତା ଧର ଯୋଗଦେବେ। ଭାଜପା ନେତୃତ୍ୱାଧିନ ମୋଦି ସରକାରଙ୍କ ଜନ ବିରୋଧୀ ସଂଶୋଧନ ଆଇନ ସମ୍ପର୍କରେ ଛାତ୍ର, ଯୁବକ ଓ ସମବେତ ବିଭିନ୍ନ ବର୍ଗର ଲୋକଙ୍କୁ ସଚେତନ କରାଇବେ।
ସୂଚନାଯୋଗ୍ୟ, ପଶ୍ଚିମବଙ୍ଗର ଟାଣୁଆ ଛାତ୍ର ନେତ୍ରୀ ବିପ୍‌ସିତା ଓଡ଼ିଶା ଗସ୍ତରେ ଆସି ପଶ୍ଚିମ ଓ ଉତ୍ତର ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟତଃ ଛାତ୍ରୀଛାତ୍ରଙ୍କୁ ସଂଗଠିତ କରାଇଛନ୍ତି। ଶୁକ୍ରବାର ସେ ଦକ୍ଷିଣ ଓଡ଼ିଶାର ନବରଙ୍ଗପୁର ଯିବାର କାର୍ଯ୍ୟକ୍ରମ ରହିଛି। ଶନିବାର ଦକ୍ଷିଣାଞ୍ଚଳର ପ୍ରମୁଖ ସହର ବ୍ରହ୍ମପୁର ଆସି ସିଏଏ, ଏନ୍‌ପିଆର ଓ ଏନ୍‌ଆରସିର ଭୟାବହତା ନେଇ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ଅବଗତ କରାଇବା ସହ ଏହାକୁ ସବୁ ମହଲ ତୀବ୍ର ବିରୋଧ କରିବା ପାଇଁ ଆହ୍ୱାନ ଦେବେ। ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଭୁବନେଶ୍ୱରରେ ସିଏଏ ସପକ୍ଷରେ ସମାବେଶ ହେଉଥିବା ବେଳେ ଶନିବାର ବାମପନ୍ଥୀ ଛାତ୍ର ନେତ୍ରୀଙ୍କ ସିଏଏ ବିରୋଧୀ ସମାବେଶ ରାଜନୈତିକ ରୋଚକ ହୋଇଛି।
ଅତୀତରେ ଗଞ୍ଜାମ ଜିଲା ଓ ବିଶେଷକରି ବ୍ରହ୍ମପୁରରେ ବାମପନ୍ଥୀ ଛାତ୍ର ସଂଗଠନ ମଜଭୁତ ଥିଲା। ୧୯୫୧-୫୨ ପ୍ରଥମ ଲୋକ ସଭା ନିର୍ବାଚନରେ ସେତେବେଳର ଗଞ୍ଜାମ ଓ ବର୍ତ୍ତମାନର ବ୍ରହ୍ମପୁର ଆସନରୁ ସ୍ୱର୍ଗତ ବିଜୟ ଚନ୍ଦ୍ର ଦାସ କମ୍ୟୁନିଷ୍ଟ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। କ୍ରମଶଃ ବାମପନ୍ଥୀ ରାଜନୀତି ଓ ଏହାର ଛାତ୍ର ସଂଗଠନ ହୁଗୁଳା ହେବାରେ ଲାଗିଛି। ଏଭଳି ସ୍ଥିତିରେ ଏସ୍‌ଏଫଆଇର ଜାତୀୟ ନେତ୍ରୀଙ୍କ ବ୍ରହ୍ମପୁର ଗସ୍ତକୁ ରାଜନୈତିକ ମହଲରେ ଗୁରୁତ୍ୱ ଦିଆଯାଇଛି।

## ପୋଲସରା ବ୍ଲକ ପାଇଁ ଖବରଦାତା ଆବଶ୍ୟକ

ପୋଲସରା ବ୍ଲକ ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଅଭିଜ୍ଞ ତଥା ସ୍ୱଚ୍ଛ ନିର୍ଭୁଲ ଖବର ପ୍ରେରଣ ପାଇଁ ସମର୍ଥ ଥିବା ପ୍ରାର୍ଥୀମାନେ ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦ ଠିକଣାରେ କିମ୍ବା recruitment@ dharitri.com ରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିପାରିବେ।

## ଆରଟିଓ ପକ୍ଷରୁ ଡ୍ରାଇଭିଂ, ପ୍ରଦୂଷଣ ଯାଞ୍ଚ ଶିବିର


ଆରଟିଓ ପକ୍ଷରୁ ଶିବିରରେ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଉଛି ।

**ବ୍ରହ୍ମପୁର ଅଫିସ,୨୭।୨**

ଗଞ୍ଜାମ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ସମ୍ମିଳନୀ କକ୍ଷରେ ତିନିଦିନିଆ ଡ୍ରାଇଭିଂ ଲାଇସେନ୍ସ, ପ୍ରଦୂଷଣ ଯାଞ୍ଚ ଶିବିର ଆୟୋଜିତ ହୋଇଯାଇଛି । ଶିବିର ଶୁଭାରମ୍ଭ ଅବସରରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇ ପରିଚାଳନାରେ ସହଯୋଗ କରୁଥିବା ଆରଟିଓ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ଲର୍ନିଂ ଲାଇସେନ୍ସ, ପ୍ରଦୂଷଣ ଯାଞ୍ଚ ସହ ଇନ୍ସ୍ୟୁରାନ୍ସ ପ୍ରଦାନ କରାଯିବା ନେଇ ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଶିବିରର ପ୍ରଥମ ଦିନରେ ୬୭ ଜଣଙ୍କୁ ଲର୍ନିଂ ଲାଇସେନ୍ସ ପ୍ରଦାନ କରାଯାଇଥିବା ବେଳେ ୪୮ଟି ଦୁଇଚକିଆ ଓ ଚାରିଚକିଆ ଯାନର ପ୍ରଦୂଷଣ ଯାଞ୍ଚ କରି ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ଆରଟିଓ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

# ବ୍ରହ୍ମପୁର ଉପଖଣ୍ଡରେ କୃଷ୍ଣସାର ମୃଗ ଗଣନା ଆଜି

**ବ୍ରହ୍ମପୁର ଅଫିସ,୨୭।୨**



- ବ୍ରହ୍ମପୁର, ଖଲ୍ଲିକୋଟ, ଦିଗପହଣ୍ଡି ରେଞ୍ଜରେ ହେବ ଗଣନା
- ନିୟୋଜିତ ହେବେ ୩୭ ଟିମ୍

ବ୍ରହ୍ମପୁର ବନଖଣ୍ଡ ଅଞ୍ଚଳରେ ଶୁକ୍ରବାର କୃଷ୍ଣସାର ମୃଗ ଗଣନା ହେବ । ବ୍ରହ୍ମପୁର ବନଖଣ୍ଡ ଅଧୀନ ଖଲ୍ଲିକୋଟ, ବ୍ରହ୍ମପୁର, ଦିଗପହଣ୍ଡି ରେଞ୍ଜ ଅଞ୍ଚଳରେ ଏହି ଗଣନା ହେବ । ଏଥିପାଇଁ ମୋଟ ୩୭ ଟିମ୍ ଗଠନ କରାଯାଇଛି । ସେମାନଙ୍କ ମଧ୍ୟରେ ଖଲ୍ଲିକୋଟ ରେଞ୍ଜ ଅଞ୍ଚଳରେ ୨୨, ବ୍ରହ୍ମପୁରରେ ୫, ଦିଗପହଣ୍ଡି ରେଞ୍ଜ ଅଞ୍ଚଳରେ ୧୦ ଟିମ୍‌କୁ ନିୟୋଜିତ କରାଯାଇଥିବା ନେଇ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ(ଡିଏଫଓ) ଅମ୍ଲାନ କୁମାର ନାୟକ ସୂଚାଇଛନ୍ତି । ପ୍ରତି ୨ ବର୍ଷରେ ଥରେ ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ଏହି ଗଣନା କରାଯାଉଥିବା ବେଳେ ଚଳିତ ବର୍ଷ ଗଣନା ପାଇଁ ଗୁରୁବାର ତାଲିମ ପ୍ରଦାନ କରାଯାଇଛି । ଶୁକ୍ରବାର ସକାଳ ୬ ଟାରୁ କୃଷ୍ଣସାର ମୃଗ ଗଣନା ଆରମ୍ଭ ହେବ । ୨୦୧୮ ଗଣନା ପ୍ରକାରେ ବ୍ରହ୍ମପୁର ବନଖଣ୍ଡରେ ୧୦୪୯ କୃଷ୍ଣସାର ମୃଗ ରହିଥିଲେ । ଚଳିତ ବର୍ଷ ହେବାକୁ ଥିବା ଗଣନାରେ ଏହି ସଂଖ୍ୟା ବୃଦ୍ଧି ପାଇବା ନେଇ ଆଶା ରହିଥିବା ଡିଏଫଓ କହିଛନ୍ତି । ସୂଚନାଯୋଗ୍ୟ, ବ୍ରହ୍ମପୁର ବନଖଣ୍ଡ ଅଧୀନରେ ଥିବା ବ୍ରହ୍ମପୁର ସମେତ ଦିଗପହଣ୍ଡି, ଖଲ୍ଲିକୋଟ ଅଞ୍ଚଳରେ କୃଷ୍ଣସାର ମୃଗ ରହିଥିବା ବେଳେ ଏମାନଙ୍କ ସୁରକ୍ଷା ପାଇଁ ଚଳିତ ବର୍ଷଠାରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ବନଖଣ୍ଡ ପକ୍ଷରୁ କୁହାଯାଇଛି । ଚଳିତ ବର୍ଷ ଏହି ମୃଗଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ଯୋଜନା କରାଯାଉଛି । ଏପରିକି ମୃଗ ରହିଥିବା ଅଞ୍ଚଳ ଦେଇ ଯାଇଥିବା ରାଜପଥରେ ସ୍ପିଡ୍ ବ୍ରେକର ଲଗାଯିବା ଦିଗରେ ମଧ୍ୟ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରାଯିବା ନେଇ ଡିଏଫଓ କହିଛନ୍ତି ।

## ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ୨ ଗିରଫ

**ବ୍ରହ୍ମପୁର ଅଫିସ,୨୭।୨**

ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ କରିବା ସହ ତାଙ୍କ ମା'ଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବେଦାଳିଆ ଗ୍ରାମର ଶମ୍ଭୁ ଦାସ (୨୦) ଓ ଶଙ୍କର ଦାସ (୨୪) ବୋଲି ଥାନାଧିକାରୀ ସନ୍ତୋସିନୀ ଓରାମ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ଗତ ମଙ୍ଗଳବାର ରାତିରେ ବେଦାଳିଆ ଗ୍ରାମର ନହଙ୍କ ଦାସ ଦାଣ୍ଡରେ ଠିଆ ହୋଇଥିବା ବେଳେ ଉପରୋକ୍ତ ୨ ଯୁବକ ସେଠାରେ ପହଞ୍ଚିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସେମାନେ ନହଙ୍କୁ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ନହଙ୍କ ୩ଟି ଦାନ୍ତ ଭାଙ୍ଗିଯିବା ସହ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘର ଭିତରେ ଥିବା ତାଙ୍କ ମା ସତ୍ୟ ଦାସ ସେଠାରେ ପହଞ୍ଚି ପୁଅକୁ ଆକ୍ରମଣ କାହିଁକି ଆକ୍ରମଣ କରୁଛ ବୋଲି ପଚାରିବାରୁ ଦୁର୍ବୃତ୍ତମାନେ ବୃଦ୍ଧାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ତାଲିମ


ଉପସ୍ଥିତ ଅତିଥିବୃନ୍ଦ।

**ଗୋପାଳପୁର,୨୭।୨**

ରଙ୍ଗେଇଲୁଣ୍ଡା ବ୍ଲକ ସଦ୍‌ଭାବନା ଗୃହରେ ବୁଧବାର ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିପିଓ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସମୀର ପଟ୍ଟନାୟକ, ଜିଲା ପରାମର୍ଶଦାତା ପି. ସରିତା ଓ ମହେଶ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ୩୨ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ଗ୍ରାମାଞ୍ଚଳରେ ବର୍ଜ୍ୟବସ୍ତୁକୁ କିପରି ପରିଚାଳନା କରାଯିବ ସେ ସମ୍ପର୍କରେ ବୁଝାଇ ଦିଆଯିବା ସହ ପ୍ରତ୍ୟେକ ଘରେ ଡଷ୍ଟବିନ ରଖିବା, ରାସ୍ତାଘାଟ ଏବଂ ଗ୍ରାମ ପରିଷ୍କାର ପରିଚ୍ଛନ୍ନ ରଖିବା ନେଇ ଆଲୋଚନା ହୋଇଥିଲା । ସେହିପରି ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ପ୍ରୋସେସିଂ ୟୁନିଟରେ କିଭଳି ଖତ ପ୍ରସ୍ତୁତ କରାଯାଇପାରିବ ତାହା ଅବଗତ କରାଯାଇଥିଲା।

# ବନ୍ଦ କୋଠରିରୁ ମହିଳାଙ୍କ ପୋଡ଼ା ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୭।୨**

ବ୍ରହ୍ମପୁର ସଦର ଥାନା ପୋଲିସ ଗୁରୁବାର ଲୋଚାପଡା ମିଲ ସାହିରେ ରହୁଥିବା ଜଣେ ମହିଳାଙ୍କ ଦରପୋଡା ମୃତଦେହ ଏକ ବନ୍ଦ କୋଠରିରୁ ଜବତ କରିଛି। ମୃତ ମହିଳା ଜଣଙ୍କ କେ.ରଞ୍ଜିତା ପାତ୍ର (୪୦) । ଘଟଣାସ୍ଥଳରୁ ପୋଲିସ ଏକ କିରୋସିନ ବୋତଲ ଜବତ କରିଛି। ସେହିପରି ସାଇଣ୍ଟିଫିକ ଟିମ୍ ଉକ୍ତ କୋଠରିରୁ ମହିଳାଙ୍କ ଦରପୋଡା ଚୁଟି, ପୋଡିଯାଇଥିବା ଲୁଗାର କେତେକ ଅଂଶ ଜବତ କରିଛି । ପୋଲିସ ଏବେ ଘଟଣାର ଅନୁସନ୍ଧାନ ଜାରି ରଖିଛି। ଅନ୍ୟପଟେ ମୃତଦେହ ଜବତ କରି ନଂ. ୬/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ରଞ୍ଜିତାଙ୍କୁ ତାଙ୍କ ସ୍ୱାମୀ କେ.ବାଲା ପାତ୍ର ଗତ କିଛି ବର୍ଷ ତଳେ ଛାଡ଼ିଦେଇ ଅନ୍ୟତ୍ର ବିବାହ କରି ରହୁଛନ୍ତି। ରଞ୍ଜିତା ତାଙ୍କ ପୁଅ କେ.ଶିବା ପାତ୍ର (୧୪) ଓ ଝିଅ କେ.ରଶ୍ମିତା ପାତ୍ର (୮)ଙ୍କୁ ଧରି ଲୋଚାପଡାରେ ରହୁଥିଲେ। ବୁଧବାର ସେ ତାଙ୍କ ପିଲାଙ୍କୁ ଧରି ଲାଞ୍ଜିପଲ୍ଲୀରେ ଥିବା ଭାଇଘର ଏକ ଭୋଜିରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସେ ଏକା ଘରକୁ ଫେରିଥିଲେ। ଶିବା ଓ ରଶ୍ମିତା ତାଙ୍କ ଅଜା ଏ.ଲକ୍ଷ୍ମଣ ପାତ୍ରଙ୍କ ସହ ଜଗଦଳପୁର ଗ୍ରାମକୁ ଚାଲି ଯାଇଥିଲେ। ଗୁରୁବାର ପୂର୍ବାହ୍ନରେ ଲକ୍ଷ୍ମଣ ନାତି ଓ ନାତୁଣୀଙ୍କୁ ଧରି ଝିଅ ଘରକୁ ଆସିଥିଲେ । ଘରର କବାଟ ଖୋଲାଥିବା ଦେଖି ତାଙ୍କର ସନ୍ଦେହ ହୋଇଥିଲା। ସେ ଘର ଭିତରକୁ ଯାଇ ଦେଖିବା ବେଳେ ଏକ ବନ୍ଦ କୋଠରିରେ ତାଙ୍କ ଝିଅ ରଞ୍ଜିତା ପୋଡି ହୋଇ ମରି ପଡିଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ସ୍ୱାମୀ ଛାଡି ଚାଲିଯିବା ପରଠାରୁ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ରଞ୍ଜିତା ଏଭଳି ଭାବେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

## ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରରେ ନିଷ୍କ୍ରମଣ ଉତ୍ସବ

**ବ୍ରହ୍ମପୁର ଅଫିସ, ୨୭।୨**

ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରରେ ଯୁକ୍ତ ୩ ବିଭାଗ ଛାତ୍ରୀଛାତ୍ରଙ୍କୁ ନେଇ ନିଷ୍କ୍ରମଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଡ. ବିବେକାନନ୍ଦ ପଣ୍ଡା, ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ବିଭାଗ ଅଧକ୍ଷ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଉଦ୍ଭିଦ ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ଅଧକ୍ଷ ଡ. ଉମେଶ ସାହୁ, ପ୍ରାଣୀ ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ଅଧକ୍ଷ ଡ. ରାଜେନ୍ଦ୍ର ମୂର୍ତ୍ତି ପ୍ରମୁଖ ଯୋଗଦେଇଥିଲେ। +୨ ଅଧକ୍ଷ ଏସ୍.ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଉମା ମାଧବ ମହାନ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର ଶିଶୁମାନଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବା ପାଇଁ ଶପଥପାଠ କରାଇଥିଲେ । ଅତିଥିମାନେ ଯୁକ୍ତ ୩ ଶେଷ ସେମିଷ୍ଟର ପରୀକ୍ଷା ଦେବାକୁ ଯାଉଥିବା ୧୯୦ ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଥିଲେ । ପରିଚାଳନା ସମିତି ସଦସ୍ୟ ନୀଳକଣ୍ଠ ସାହୁ, ଉପଦେଷ୍ଟା ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ, ପୂର୍ବତନ ସଦସ୍ୟା ପ୍ରଣତି ସାମଲଙ୍କ ସମେତ ଶିଶୁ ପ୍ରାରମ୍ଭ ଶ୍ରେଣୀଠାରୁ +୩ ପର୍ଯ୍ୟନ୍ତ ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ଉପସ୍ଥିତ ଥିଲେ। +୩ ବିଭାଗର ଅଧକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।


ନୀଳକଣ୍ଠନଗର ସରସ୍ୱତୀ ଡ଼ିଗ୍ରୀ ବିଦ୍ୟା ମନ୍ଦିରରେ ନିଷ୍କ୍ରମଣ ଉତ୍ସବ।

# ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ହେବ ଏକକ ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୨୭।୨**




**ଉଚ୍ଚଶିକ୍ଷା ବିଭାଗର ଘୋଷଣା**
- ଜୁନ ପହିଲାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନକୁ ଯିବ ୫ ମହାବିଦ୍ୟାଳୟ
- ଘୋଷଣାକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସ୍ୱାଗତ
- ଭବିଷ୍ୟତ ଚିନ୍ତାରେ ଅଧ୍ୟୟନରତ ଛାତ୍ରୀଛାତ୍ର

ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ହେବ ଏକକ ବିଶ୍ୱବିଦ୍ୟାଳୟ । ଏହା ଅଧୀନରେ ଥିବା ସମସ୍ତ ୫ ମହାବିଦ୍ୟାଳୟ ପୁନଶ୍ଚ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନକୁ ଯିବ । ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି ନିର୍ଦ୍ଦେଶନାମାକୁ ନେଇ ଏବେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୋଟିଏ ପଟେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶନାମାକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ବିଭାଗର ଏହି ନିର୍ଦ୍ଦେଶନାମା ଗତ ୫ ବର୍ଷ ମଧ୍ୟରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟରୁ ଅଧ୍ୟୟନ ସାରି ଫେରିଥିବା ଓ ଅଦ୍ୟାବଧି ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଚିନ୍ତାରେ ପକାଇଛି।
୨୦୧୫ରେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ସ୍ୱୟଂଶାସିତ ମହାବିଦ୍ୟାଳୟକୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଗଲା । ଏହା ଅଧୀନରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ପ୍ରମୁଖ ୫ ମହାବିଦ୍ୟାଳୟ ରହିଲା । କିନ୍ତୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଆରମ୍ଭରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରେ ପରିଚାଳିତ ହେବାରୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ନେଇ କର୍ତ୍ତୃପକ୍ଷ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଥିଲା। ୨୦୧୯ରେ ଏହି ବିଶ୍ୱବିଦ୍ୟାଳୟ ଖଲ୍ଲିକୋଟ ମହାବିଦ୍ୟାଳୟରୁ ଅଲଗା ହୋଇ କନିଷି ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପକୁ ସ୍ଥାନାନ୍ତର ହୋଇଥିଲା ।
ତେବେ ଏବେ ଏହି ଭିତ୍ତିଭୂମି ବିହୀନ ତଥା ଏକ ଘରୋଇ କଲ୍ୟାଣ ମଣ୍ଡପ ମଧ୍ୟରେ ପରିଚାଳିତ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ ଏକକ ଓ ଗବେଷଣାତ୍ମକ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବା ନେଇ ଉଚ୍ଚଶିକ୍ଷା ବିଭାଗ ଘୋଷଣା କରିଛି । ଏଥିସହ ଜୁନ ପହିଲାରୁ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟକୁ ପୁନଶ୍ଚ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନକୁ ଯିବା ନେଇ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଛି । ଏହାଦ୍ୱାରା ଅଧ୍ୟୟନରତ ଛାତ୍ରୀଛାତ୍ର ଉପକୃତ ହେବା ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଆଶା ପୋଷଣ କରିଛନ୍ତି । କିନ୍ତୁ ବର୍ତ୍ତମାନ ଅଧ୍ୟୟନରତ ତଥା ଗତ ୫ ବର୍ଷ ମଧ୍ୟରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଅଧୀନରେ ଅଧ୍ୟୟନ ସାରି ଫେରିଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଦିଗରେ ସମସ୍ୟା ସୃଷ୍ଟି କରିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଏନେଇ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ସମ୍ପର୍କରେ ଅଜ୍ଞ ଥିବା କହିବା ସହ ନିର୍ଦ୍ଦେଶନାମା ଓ ଗାଇଡଲାଇନ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି ।

### ସେମାନେ ଯାହା କହନ୍ତି....


"କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଅଧୀନରେ ମହାବିଦ୍ୟାଳୟ ଥିବା ସମୟରେ ପରୀକ୍ଷା ପରିଚାଳନାରେ ତ୍ରୁଟି ପରିଲକ୍ଷିତ ହେଉଥିଲା। ଫଳରେ ଛାତ୍ରୀଛାତ୍ରଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ବର୍ତ୍ତମାନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ନିର୍ଦ୍ଦେଶନାମା ନିଶ୍ଚିତ ସ୍ୱାଗତଯୋଗ୍ୟ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନକୁ ଗଲେ ଛାତ୍ରୀଛାତ୍ର ଉପକୃତ ହେବେ।
**-ପ୍ରମିଳା ଖାଡଙ୍ଗା, ଅଧକ୍ଷା, ବିନାୟକ ଆଚାର୍ଯ୍ୟ କଲେଜ**


"ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ । ବିଭାଗ ଭାବିଚିନ୍ତି ଏଭଳି ନିଷ୍ପତ୍ତି ନେଇଛି । ଏହି ନିଷ୍ପତ୍ତି ଦ୍ୱାରା ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାଠାରୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲାଗି ରହିଥିବା ସମସ୍ତ ପ୍ରକାର ଦ୍ୱନ୍ଦ୍ୱ ଦୂର ହେବ ।
**-ଉତ୍ତମା ଜେନା, ଅଧକ୍ଷା, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ**


"ସରକାର ୫ ବର୍ଷ ପୂର୍ବେ ମହାବିଦ୍ୟାଳୟକୁ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଅଧୀନକୁ ନେଇଥିଲେ । ସେହିସମୟରେ ମଧ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଥିଲୁ । ଏବେ ପୁଣି କ୍ଲଷ୍ଟର ବିଶ୍ୱବିଦ୍ୟାଳୟରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନକୁ ଏହି ମହାବିଦ୍ୟାଳୟକୁ ନେବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି । ଏହାକୁ ମଧ ସ୍ୱାଗତ କରୁଛି ।
**-ସଙ୍ଗୀତା ବାବୁ, ଅଧକ୍ଷା, ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ**


"କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମହାବିଦ୍ୟାଳୟଗୁଡିକରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ବିଗତ ୫ ବର୍ଷ ବହୁ ସମସ୍ୟା ଦେଇ ଗତି କରିବାକୁ ପଡିଛି । ସରକାରଙ୍କ ପକ୍ଷରୁ ବିଳମ୍ବରେ ହେଉ ପଛେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଅଧୀନ ୫ ମହାବିଦ୍ୟାଳୟକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧିନକୁ ନେବା ଭଲ ନିଷ୍ପତ୍ତି ।
**-ସଚିନ୍ ପଣ୍ଡା, ପୂର୍ବତନ ଛାତ୍ର ସଂସଦ ସଭାପତି, ଖଲ୍ଲିକୋଟ ମହାବିଦ୍ୟାଳୟ**

## ସଂକ୍ଷେପରେ

### ସାଇବର ଲ, ଫଣ୍ଡାମେଣ୍ଟାଲ ରାଇଟ୍ସ ଆଲୋଚନାଚକ୍ର

**ବୁଗୁଡ଼ା,୨୭।୨(ଡି.ଏନ.ଏ.):** ବୁଗୁଡ଼ା କୋର୍ଟ ପରିସରରେ ବୁଧବାର ତାଲୁକା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସାଇବର ଲ ଆଣ୍ଡ ଫଣ୍ଡାମେଣ୍ଟାଲ ରାଇଟ୍ସ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ମନୋଲିସା ଅପରାଜିତା ଅଧକ୍ଷତା କରିଥିଲେ। ବୁଗୁଡ଼ା ଥାନାଧିକାରୀ ଚିତ୍ତରଞ୍ଜନ ବେହେରା, ଆଡଭୋକେଟ ଅମର ପଟ୍ଟନାୟକ, ପ୍ରଭାତ କୁମାର ଜେନା, ବିଭୁଦତ୍ତ ନାୟକ, ସୁଜିତ ସ୍ୱାଇଁ, ରବୀନ୍ଦ୍ର କୁମାର ପଣ୍ଡା, ସୁମନ ସେଠୀ, ରତନ ସିଂ ପ୍ରମୁଖ ଯୋଗଦେଇ ସାଇବର ଲ ଆଣ୍ଡ ଫଣ୍ଡାମେଣ୍ଟାଲ ରାଇଟ୍ସର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

### ଜିଲା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

**କବିସୂର୍ଯ୍ୟନଗର,୨୭।୨:** କବିସୂର୍ଯ୍ୟନଗର ବିଜେଡି କର୍ମକର୍ତ୍ତାଙ୍କ ପକ୍ଷରୁ ନୂତନ ଜିଲା ବିଜେଡି ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ପ୍ରାକ୍ତନ ଏନଏସି ଅଧକ୍ଷ ମନୋରଞ୍ଜନ ମହାପାତ୍ର, ପ୍ରାକ୍ତନ କାଉନସିଲର ରସଲ କୁମାର ଦାସ, ପ୍ରଶ୍ନ ନାୟକ, ବାସୁଦେବ ସାହୁ, ରାକେଶ ପ୍ରଧାନ, ଦିଲୀପ ସାହୁ, ତୋଫାନ ଆଚାରୀ ପ୍ରମୁଖ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଗଞ୍ଜାମ ଜିଲାପାଳଙ୍କ ସାନଖେମୁଣ୍ଡି ଗସ୍ତ

**ପାଟପୁର,୨୭।୨:** ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ସାନଖେମୁଣ୍ଡି ବ୍ଲକ ଅଞ୍ଚଳ ଗସ୍ତ କରିବା ସହିତ ଚାଲୁ ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ବିଡ଼ିଓ ଗାୟତ୍ରୀ ଦତ୍ତ ନାୟକ, ସରକାରୀ ନିର୍ବାହୀ ଯନ୍ତ୍ରୀ ଭିକାରି ରୋଲଙ୍କ ସହ ବିଭାଗୀୟ ଯନ୍ତ୍ରୀ, ନିର୍ବାହୀ ଅଧିକାରୀଙ୍କ ସହିତ ଗୁରୁବାର ଜୁରା ଗ୍ରାମ ସ୍ୱପ୍ନେଶ୍ୱର ମନ୍ଦିର ପାର୍ଶ୍ୱ ଆଦର୍ଶ ପୋଖରୀ, ପାର୍କ, ଆଡ଼ପଡା ପଞ୍ଚାୟତରେ ଚାଲୁ ରହିଥିବା ଆଦର୍ଶ ପୋଖରୀ, ପାର୍କ, ପୋଡ଼ମାରି ପଞ୍ଚାୟତରେ ଚାଲୁ ରହିଥିବା ଆଦର୍ଶ ପୋଖରୀ ଓ ଖଳିଙ୍ଗି ଗ୍ରାମ ପଞ୍ଚାୟତ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଜିଲା ପରିଷଦ ସଭ୍ୟ ଶଙ୍କର୍ଷଣ ସ୍ୱାଇଁ, ପୋଡ଼ମାରି ସରପଞ୍ଚ ପ୍ରତିନିଧି ସନ୍ତୋଷ ବିଷୋୟୀ, ସାନଖେମୁଣ୍ଡି ବ୍ଲକ ପୂର୍ବତନ ଅଧକ୍ଷ ଲକ୍ଷ୍ମୀଚରଣ ପାତ୍ର ପ୍ରମୁଖଙ୍କ ସହ ପଞ୍ଚାୟତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ମୋ କଲେଜ ଅଭିଯାନ




**ଆସିକା,୨୭।୨(ଡି.ଏନ୍.ଏ.):** ଆସିକା ବ୍ଲକ କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଗୁରୁବାର ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧକ୍ଷ ଡ. ସନ୍ତୋଷ କୁମାର ଆପଟ୍ଟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜର ପ୍ରଶାସନିକ ଅଧିକାରୀ ପ୍ରାଧାପକ ରବିନାରାୟଣ ପାତ୍ର, ଡ. ସୁରେନ୍ଦ୍ରନାଥ ସାବତ, ଡ. ଆଶୁତୋଷ ସାହୁ, ଡ. ଅରୁଣ କୁମାର ଲେଙ୍କା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧକ୍ଷ ମୋ କଲେଜ ଅଭିଯାନର ଗୁରୁତ୍ୱ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେବା ସହ କଲେଜର ସାମଗ୍ରିକ ବିକାଶ ନିମନ୍ତେ ପୂର୍ବତନ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ର ଯୋଗଦେଇ କଲେଜର ସାମଗ୍ରିକ ବିକାଶ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ କାମେଶ୍ୱର ପ୍ରଧାନ, ଦିଗାମ୍ବର ଜେନା, ଶିବରାମ ନାୟକ, ପ୍ରିୟାଂଶୁ ପରିଡା, ଲାଲକୃଷ୍ଣ ପ୍ରଧାନ, ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ବହୁ ପୁରାତନ ଛାତ୍ରୀଛାତ୍ର ସାମିଲ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପୁନରୁଦ୍ଧାର କରା ନ ଗଲେ ଆନ୍ଦୋଳନ ଚେତାବନୀ

**ପୁରୁଷୋତ୍ତମପୁର,୨୭।୨(ଡି.ଏନ.ଏ.)**

ପୁରୁଷୋତ୍ତମପୁର ସହରର ମଧ୍ୟଭାଗରେ ଥିବା ଐତିହାସିକ ଗୋପାଳ ବନ୍ଧ ପ୍ରତି ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଏଥିପାଇଁ ଏହି ବନ୍ଧ ଏବେ ପୋତିହେବା ସାଙ୍ଗକୁ ପାଣି ଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହୋଇ ତାହାର ସୌନ୍ଦର୍ଯ୍ୟ ହରାଇ ବସିଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ସହରବାସୀ ଆନ୍ଦୋଳନ ଲାଗି ଚେତାବନୀ ଦେଇଛନ୍ତି।

ଏହି ବନ୍ଧଟି ସହରର ପ୍ରମୁଖ ଜଳାଶୟ ଭାବେ ପରିଚିତ। ଏହା ଉପରେ ସହରର ଜନସାଧାରଣ ନିର୍ଭର କରୁଛନ୍ତି। ମାତ୍ର କେତେଜଣ ବ୍ୟକ୍ତି ପୋଖରୀ ହିଡ଼କୁ ଜବରଦଖଲ କରି ରଖିଛନ୍ତି। ଅନ୍ୟପକ୍ଷରେ ଉଠା ବ୍ୟବସାୟୀମାନେ ଆବର୍ଜନା, ନିଶାସକ୍ତ ବ୍ୟକ୍ତି ମଦ ବୋତଲ ପୋଖରୀକୁ ଫିଙ୍ଗିଥିବାରୁ ଏହାର ପାଣି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି।

**ସୌନ୍ଦର୍ଯ୍ୟ ହରାଉଛି ପୁରୁଷୋତ୍ତମପୁର ଗୋପାଳ ବନ୍ଧ**



■ସରିଛି ଟେଣ୍ଡର, ହେଉନି କାର୍ଯ୍ୟ

ଏଥିପାଇଁ ଏହି ବନ୍ଧର ସୌନ୍ଦର୍ଯ୍ୟକରଣ, ଗାର୍ଡ ୱାଲ ନିର୍ମାଣ ସହ ପୁନଃଉଦ୍ଧାର ଲାଗି ସହରବାସୀ ଦାବି କରିଛନ୍ତି।

୨୦୧୮ରେ ପୁରୁଷୋତ୍ତମପୁର ଥାନାର ପୂର୍ବତନ ଥାନାଧିକାରୀଙ୍କ ତତ୍ତ୍ୱାବଧାନରେ ଆମ ପୋଲିସ ସମିତି ପକ୍ଷରୁ ପୋଖରୀକୁ ସଫାସୁତୁରା କରାଯାଇଥିଲା। ପୋଖରୀ ହିଡକୁ ଜବରଦଖଲ କରି ରଖିଥିବା ବ୍ୟବସାୟୀଙ୍କୁ ହଟାଇବା ସହ ସନ୍ଧ୍ୟାରେ ପୋଲିସ ପକ୍ଷରୁ ପଇଁତରା ଦିଆଯାଉଥିଲା। ମାତ୍ର ବର୍ତ୍ତମାନ ପୁଣି ଉକ୍ତ ପୋଖରୀର ପାଣି ଦୂଷିତ ହେଉଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ଜନସାଧାରଣଙ୍କ ପକ୍ଷରୁ ଗୋପାଳ ବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ଏନ୍ଏସି ତରଫରୁ ପ୍ରାୟ ଦୁଇବର୍ଷ ତଳେ ୧୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗାର୍ଡ ୱାଲ ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ସରିଛି। ହେଲେ ଠିକାଦାର ଏହାର କାର୍ଯ୍ୟ କରୁନଥିବାରୁ ଅନୁଦାନ ଟଙ୍କା ପଡିରହିଛି। ଏ ନେଇ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ବନ୍ଧର ହିଡକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ରହିଛନ୍ତି। ଏମାନେ ସେଠାରୁ ହଟୁନଥିବା ବେଳେ ଏନ୍ଏସି କର୍ତ୍ତୃପକ୍ଷ ମଧ୍ୟ ଗୁରୁତ୍ୱ ଦେଉନଥିବାରୁ କାର୍ଯ୍ୟ କରିବାରେ ସମସ୍ୟା ହେଉଛି। ଏନ୍ଏସି ନିର୍ବାହୀ ଏ.ନାଗେଶ୍ୱର ରାଓଙ୍କ ସହଯୋଗ କରିବାରୁ ଜବରଦଖଲ ଉଚ୍ଛେଦ ଲାଗି ତହସିଲଦାର ଓ ଛତ୍ରପୁର ଉପଜିଲାପାଳଙ୍କୁ ଜଣାଇଛି। ଅତିଶୀଘ୍ର ପଦକ୍ଷେପ ନିଆଯାଇ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସେ କହିଛନ୍ତି।

# ବିଜୟାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ଆସିକା




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ଭଞ୍ଜନଗର,୨୭।୨(ଡି.ଏନ.ଏ.)**

ଭଞ୍ଜନଗର କଲେଜ ପଡିଆରେ ଚାଲିଥିବା ବିଜୟାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଗୁରୁବାର ଖେଳାଯାଇଥିଲା। ଆସିକା ଆର୍‌ସିସି ଭଞ୍ଜନଗରକୁ ୬ ଉଇକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଆସିକାର ଶିବାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଭଞ୍ଜନଗର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୩୩ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ସୁଶୀଲ ୪୧ ଓ ପାର୍ଥ ୩୨ ରନ କରିଥିଲେ। ଜବାବରେ ଆସିକା ୧୭.୨ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଶରତ ବିଷୋୟୀ ଓ ପିଲୁ ପାଣିଗ୍ରାହୀ ଆମ୍ପାୟାର ଥିବାବେଳେ ମନୋରଞ୍ଜନ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ଦିଗପହଣ୍ଡି ବ୍ଲକସ୍ତରୀୟ ଜନଶୁଣାଣି



ସଭାରେ ବିଡିଓଙ୍କ ଉଦ୍‌ବୋଧନ।

**ଦିଗପହଣ୍ଡି,୨୭।୨(ଡି.ଏନ୍.ଏ.)**

ଦିଗପହଣ୍ଡି ପଞ୍ଚାୟତ ସମିତି ପକ୍ଷରୁ ଗୁରୁବାର ବ୍ଲକ ଅଧୀନ ୨୫ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ସମ୍ପର୍କିତ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବିଡିଓ ହଳଧର ଶବର, ଗଞ୍ଜାମ ଜିଲା ସାମାଜିକ ସମୀକ୍ଷକ ଡ଼ା.ରବୀନ୍ଦ୍ର ନାଥ ମଲଣା, ସହକାରୀ ଯନ୍ତ୍ରୀ ଗଙ୍ଗାଧର ଲେଙ୍କା, ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଯୋଗେନ୍ଦ୍ର ସେଠୀ ଓ ବ୍ଲକ ସାମାଜିକ ସମୀକ୍ଷକ ଶଙ୍କର ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜନଶୁଣାଣି ଅବସରରେ ଅନୁମୋଦିତ ପ୍ରକଳ୍ପ ସଂଖ୍ୟା ୧୬୦୮, କାର୍ଯ୍ୟ କରାଯାଇଥିବା ପ୍ରକଳ୍ପ ସଂଖ୍ୟା ୧୧୫୪, ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ସଂଖ୍ୟା ୩୧୫, ପ୍ରାପ୍ତ ଅନୁଦାନ ଓ ଖର୍ଚ୍ଚ କରାଯାଇଥିବା ଅର୍ଥ ପରିମାଣ ୭ କୋଟି ୫୫ ଲକ୍ଷ ୫୪ ହଜାର ଟଙ୍କା, ମୋଟ ପଞ୍ଜୀକୃତ ଓ ଜବ୍‌କାର୍ଡଧାରୀ ପରିବାର ସଂଖ୍ୟା ୨୬୮୯୪, କାର୍ଯ୍ୟ ଆବେଦନ କରିଥିବା ଓ କାର୍ଯ୍ୟରେ ଯୋଗଦାନ କରିଥିବା ପରିବାର ସଂଖ୍ୟା ୯୮୫୮, ମୋଟ ୧୦୦ ଦିନ କାମ କରିଥିବା ପରିବାର ସଂଖ୍ୟା ୧୩୩୭ ଓ ୧୩୬୪୯ ଜବ କାର୍ଡ କାର୍ଯ୍ୟକାରୀ ତାଲିକାରେ ସ୍ଥାନ ପାଇଥିବା ବେଳେ ସୃଷ୍ଟି କରାଯାଇଥିବା ଶ୍ରମ ଦିବସ ସଂଖ୍ୟା ୨୨୬୯୩୯ ବୋଲି ବିଡିଓ ଜନଶୁଣାଣିରେ ପ୍ରକାଶ କରିଥିଲେ। ପ୍ରାୟ ୧୫ ପଞ୍ଚାୟତରେ ଜନଶୁଣାଣି ସମୟରେ କର୍ତ୍ତୃପକ୍ଷ ସେମାନଙ୍କ ହିସାବ ତାଲିକା ପ୍ରଦାନ କରି ନ ଥିବାରୁ ତୁରନ୍ତ ସେସବୁ ତାଲିକା ଦାଖଲ କରିବାକୁ ବିଡିଓ ପରାମର୍ଶ ଦେଇଥିଲେ। ଆବାସ ଯୋଜନାରେ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ ଅର୍ଥ ମଞ୍ଜୁର ହେଉ ନ ଥିବା ନେଇ ବହୁ ସଂଖ୍ୟକ ସରପଞ୍ଚ ଓ ସମିତିସଭ୍ୟ ଜନ ଶୁଣାଣିରେ ଅଭିଯୋଗ କରିଥିଲେ। ଗୃହ ନିର୍ମାଣର ବହୁଦିନ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଥିବା ପାଇଖାନା ନିର୍ମାଣ ପ୍ରାପ୍ୟ ଅର୍ଥ ମିଳି ନ ଥିବା ନେଇ ହିତାଧିକାରୀମାନେ ସରପଞ୍ଚଙ୍କ ନିକଟରେ ଗୁହାରି କରୁଥିବା ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧି ଅଭିଯୋଗ କରିଥିଲେ। ପଞ୍ଚାୟତ ପକ୍ଷରୁ ଅନୁମୋଦିତ ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ପ୍ରଶାସନିକ ମଞ୍ଜୁରୀ ମିଳି ନ ଥିବାରୁ ଅନେକ ପଞ୍ଚାୟତରେ ଲୋକେ କାମଧନ୍ଦା ପାଉ ନ ଥିବା ନେଇ ସରପଞ୍ଚ ପ୍ରତିନିଧି ହରିବନ୍ଧୁ ରେଡ୍ଡୀ ଅଭିଯୋଗ କରିଥିଲେ। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ଭୀମସେନ ସାହୁ, ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁ, ଭଗବାନ ବାଡତ୍ୟା, କୁରେଶୁ ସେଠୀ, ସୂର୍ଯ୍ୟନାରାୟଣ ସାହୁଙ୍କ ସମେତ ବହୁ ସଂଖ୍ୟକ ପଞ୍ଚାୟତ ପ୍ରତିନିଧି ସାମିଲ ଥିଲେ। ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ, ଗ୍ରାମ ରୋଜଗାର ସେବକଙ୍କ ସମେତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**କବିସୂର୍ଯ୍ୟନଗର,୨୭।୨**

କବିସୂର୍ଯ୍ୟନଗର ବ୍ଲକ ନାରାୟଣୀ ବିଜ୍ଞାନ ହାଇସ୍କୁଲର ଆତ୍ମସୁରକ୍ଷା ତାଲିମ ଶିବିର ଅଧକ୍ଷ ପ୍ରଣବ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆଠଗଡ଼ପାଟଣା ଷ୍ଟେଟ ବ୍ୟାଙ୍କ ଶାଖା ପ୍ରବନ୍ଧକ ଅଭିଜିତ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଜାହାଙ୍ଗିର ଖାନ, ପ୍ରଦୀପ ପ୍ରହରାଜ, ପ୍ରଫୁଲ୍ଲ କୁମାର ମହାପାତ୍ର, ସୁଶାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ୧୪୧ ଛାତ୍ରୀଙ୍କୁ ଟ୍ରେନର ସଙ୍ଗୀତା ସ୍ୱାଇଁ, ଶିବାନୀ ସାହୁ ଓ ରଶ୍ମି ପ୍ରଧାନ ଗତ ୧୨ ଦିନ ପର୍ଯ୍ୟନ୍ତ ତାଲିମ ଦେଇଥିଲେ।

## ବିଦ୍ୟାଳୟର ବାର୍ଷିକୋତ୍ସବ

**ପାତ୍ରପୁର,୨୭।୨(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ କେ. ବେଲପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ସୀମାଞ୍ଚଳ ପାଇକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରସନ୍ନ ପ୍ରଧାନ ମୁଖ୍ୟବକ୍ତା, ଦାମୋଦର ଦଳାଇ ଓ ସିଆରସିସି ନିରଞ୍ଜନ ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅନନ୍ତ ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥଲା। ଶିକ୍ଷୟିତ୍ରୀ ଇନ୍ଦିରା ପ୍ରଧାନ, ଶିକ୍ଷକ ଶିଷ୍ଟୁ ଭକ୍ତସିହ୍ନା ଓ ଗୁରୁଦେବ ବେହେରାଙ୍କ ସହ ବିଦ୍ୟାର୍ଥୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କାଳୀପ୍ରସାଦ ସଭାପତି, ଶ୍ରୀନିବାସ ସମ୍ପାଦକ



ନବନିର୍ବାଚିତ ସଭାପତି, ସମ୍ପାଦକ ଓ ଅନ୍ୟମାନେ।

**ବ୍ରହ୍ମପୁର ହାବିଲଦାର କନଷ୍ଟେବଲ ସଂଘ ନିର୍ବାଚନ**

**ବ୍ରହ୍ମପୁର୨୭।୨(ଡି.ଏନ.ଏ.)**

ବ୍ରହ୍ମପୁର ପୋଲିସ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ନିର୍ବାଚନ ଫଳାଫଳ ଗୁରୁବାର ଘୋଷଣା କରାଯାଇଛି। ଏଥିରେ ସଭାପତି ଭାବେ କାଳୀପ୍ରସାଦ ଷଡ଼ଙ୍ଗୀ, ସମ୍ପାଦକ ଶ୍ରୀନିବାସ ପାତ୍ର ଓ ଉପସଭାପତିଭାବେ ଜୁବ୍‌ଲା ସାମନ୍ତରାୟ ନିର୍ବାଚିତ ହୋଇଛନ୍ତି। ଦେଢ଼ବର୍ଷ ପୂର୍ବେ ଉକ୍ତ ସଂଘର ବିଭିନ୍ନ ପଦପଦବୀ ପାଇଁ ନିର୍ବାଚନ ହୋଇଥିବା ବେଳେ କୌଣସି କାରଣବଶତଃ ଗଣତି ହୋଇପାରି ନ ଥିଲା। ଗୁରୁବାର ଭୋଟ ଗଣତି କରାଯାଇଥିଲା। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟଙ୍କ ଉପସ୍ଥିତିରେ ଫଳାଫଳ ଘୋଷଣା ହୋଇଥିଲା। ସୂଚନାଯୋଗ୍ୟ, ୨୦୧୮ ନଭେମ୍ବରରେ ବ୍ରହ୍ମପୁର ହାବିଲଦାର କନଷ୍ଟେବଲ ସଂଘ ନିର୍ବାଚନ ହୋଇଥିଲା। ସଂଘର ମୋଟ ୭୫୫ ସଦସ୍ୟଙ୍କ ମଧ୍ୟରେ ୭୧୧ ଭୋଟ ଦେଇଥିଲେ। ହେଲେ ସେହି ସମୟରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ୯୫ କନଷ୍ଟେବଲ ଭୋଟ ଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ପୋଲିସ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହେବା ପରେ ବିବାଦ ସୃଷ୍ଟି ହୋଇଥିଲା। ଏହି ମାମଲା ପରେ ହାଇକୋର୍ଟକୁ ଯାଇଥିଲା। ପ୍ରାୟ ଦେଢ଼ବର୍ଷ ଧରି ମାମଲା ବିଚାର ହେବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବ୍ରହ୍ମପୁର ଏସ୍‌ପି ଭୋଟ ଗଣତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ବାଚନରେ ସଭାପତି ପାଇଁ କାଳୀପ୍ରସାଦ ଷଡ଼ଙ୍ଗୀ ଏବଂ ସହ ବେଣୁଗୋପାଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସମ୍ପାଦକ ପଦ ପାଇଁ ଶ୍ରୀନିବାସ ପାତ୍ର ଓ ନୟନ ଆଚାର୍ଯ୍ୟ ଏବଂ ଉପସଭାପତି ଭାବେ ଜୁବଲା ସାମନ୍ତରାୟ ବଇରି ଏବଂ ରଜନୀ ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ନିର୍ବାଚିତ ପ୍ରାର୍ଥୀମାନେ ଆଗାମୀ ଦୁଇବର୍ଷ ପାଇଁ ଉକ୍ତ ପଦବୀରେ ରହିବେ ବୋଲି ଜଣାପଡିଛି।

# ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିର

**ବୁଗୁଡ଼ା,୨୭।୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସର ଏକ ସଭାଗୃହରେ ବୁଧବାର ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଏ.ରାମା ରାଓଙ୍କ ତତ୍ତ୍ୱାବଧାନରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ତନ୍ମୟ ପାତ୍ର, ରାଜ୍ୟ ମିଶନ ଶକ୍ତି ତାଲିମଦାତା ଅଶ୍ୱିନୀ କୁମାର ପଟ୍ଟନାୟକ, ଜିଲା ସଂଯୋଜକ ରଞ୍ଜିତା ପରିଡ଼ା ଓ ବ୍ଲକ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡ଼ା ପ୍ରମୁଖ ଯୋଗଦେଇ ବର୍ଜ୍ୟବସ୍ତୁ ପରିଚାଳନାର ଆବଶ୍ୟକତା ଓ ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ମୋଟିଭେଟର ଉପସ୍ଥିତ ଥିଲେ।

# କଳା, ସଂସ୍କୃତିର ବାର୍ତ୍ତା ଦେଉଛି ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

**ବ୍ରହ୍ମପୁର ଅଫିସ,୨୭।୨**



ନିର୍ଦ୍ଦେଶକ ଡ.ଦେବୀପ୍ରସନ୍ନ ପଟ୍ଟନାୟକ।

ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ପରମ୍ପରା ଐତିହ୍ୟର ଏକ ପ୍ରମୁଖ କେନ୍ଦ୍ର ହେଉଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର। ଏଠାରେ ଆଦିବାସୀମାନଙ୍କର ପାଣ୍ଡୁଲିପି ଓ ଆଦିମ ଜନଜାତି ବ୍ୟବହାର କରିଥିବା ବିଭିନ୍ନ ଅଳଙ୍କାର ଦେଖିବାକୁ ମିଳେ । ତା'ସହ ବିଭିନ୍ନ ମୁଦ୍ରା, ପ୍ରାଚୀନ ପୁସ୍ତକ, ପୁରୁଣା ଖବରକାଗଜ, ତାଳପତ୍ର ପୋଥି ଆଦି ଏଠାରେ ଦେଖିବାକୁ ମିଳେ। ସେହିପରି ଦଶପୋଇ, ଚିତ୍ରକାବ୍ୟ ଓ କାମଶାସ୍ତ୍ରର ବିଭିନ୍ନ ଆସନ ଅନେକ ଲୁପ୍ତପ୍ରାୟ ପୋଥିକୁ ଏଠାରେ ସଂରକ୍ଷିତ କରି ରଖାଯାଇଛି। ଅନ୍ୟପଟେ ଗଞ୍ଜାମ ଜିଲାର ଅନେକ ଲୋକକଳା ଓ ସଂସ୍କୃତିର ଝଲକ ଏଠାରେ ଦେଖିବାକୁ ମିଳେ। ଏଭଳି ଏକ କେନ୍ଦ୍ର ଗଢିତୋଳିବା ପାଇଁ ଓଡିଆ ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀ ଏଭଳି ପରିକଳ୍ପନା ଆରମ୍ଭ କରିଥିଲେ। ଓଡିଆ ଭାଷାର ପ୍ରାଚୀନତମ ବର୍ଣ୍ଣନାର ସେ ଥିଲେ ବଡ ପୁରୋଧା। ସେ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗରେ ଯୋଗଦେବା ପରେ ବିଭିନ୍ନ ପୋଥିଗୁଡିକୁ ଦକ୍ଷିଣ ଓଡିଶା ଓ ଅନ୍ୟ ଅଞ୍ଚଳରୁ ସଂଗ୍ରହ କରିଥିଲେ। ଦକ୍ଷିଣ ଓଡିଶା ଥିଲା ସାଂସ୍କୃତିକ ପୀଠ। ଏହି ସମୟରେ ମଧ୍ୟଯୁଗୀୟ ସାହିତ୍ୟର ବିକାଶ ହୋଇଥିଲା। ତାଙ୍କ ନିଜ ଉଦ୍ୟମରେ ତାଳପତ୍ର ପୋଥି ସଂଗ୍ରହ କରାଯାଇଥିଲା। ତା ସହିତ ବିଭିନ୍ନ ସାଂସ୍କୃତିକ ବୈଶିଷ୍ଟ ବହନ କରୁଥିବା ବସ୍ତୁ ମଧ୍ୟ ସଂଗ୍ରହ କରାଗଲା। ଏହା ପରେ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ସୀତାକାନ୍ତ ମହାପାତ୍ର ପ୍ରମୁଖଙ୍କ ଉଦ୍ୟମରେ ଏବଂ ୟୁଜିସି ସହାୟତାରେ ଆଞ୍ଚଳିକ ସାହିତ୍ୟ ସାଂସ୍କୃତିକ ମହତ୍ୱ ରଖୁଥିବା ସଂଗ୍ରହାଳୟ ଆରମ୍ଭ କରାଯାଇଥିଲା। ଏହା ମାଧ୍ୟମରେ ବିଭିନ୍ନ ପ୍ରଦର୍ଶନ କଳା, ଲୋକ ସଙ୍ଗୀତ, ଲୋକ ବାଦ୍ୟ, ଓଡିଶା ଜନଜାତିଙ୍କ ଜୀବନ ଚର୍ଯ୍ୟାର ବିଭିନ୍ନ ଅନୁଶୀଳନ ପାଇଁ କାର୍ଯ୍ୟ ଆରମ୍ଭ ହେଲା। ୨୦୧୫ରେ କୁଳପତି ଥିବା ପ୍ରଫେସର ଦୀପକ ବେହେରାଙ୍କ ସମୟରେ ଗଢାଯାଇଥିବା ନୂତନ କୋଠାକୁ ଓଡିଆ ବିଭାଗକୁ ଦିଆଯାଇଥିଲା । ଫଳରେ ଓଡିଆ ବିଭାଗରେ ଯିଏ ସ୍ୱତନ୍ତ୍ର ସଂଯୋଜକ ଥିଲେ, ସେ ହେଲେ ଦକ୍ଷିଣ ଓଡିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର ମୁଖ୍ୟ। ୨୦୧୬ରେ ଏହି କେନ୍ଦ୍ର ଉଦ୍‌ଘାଟିତ ହେବାପରେ ଏଠାର ନବକଳେବର ହୋଇଛି। ଏ ସମ୍ପର୍କରେ ଆମେ ଦକ୍ଷିଣ ଓଡିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର ମୁଖ୍ୟ ପ୍ରଫେସର ଡ.ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ପଚାରିବାରୁ ଦକ୍ଷିଣ ଓଡିଶାର କଳା, ସଂସ୍କୃତି ଓ ବୈଭବକୁ ଅନୁଶୀଳନ କରିବା ପାଇଁ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଉକ୍ତ କେନ୍ଦ୍ର ନାକ୍ ଟିମ୍ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏଠାରେ ୨୫୦୦ ତାଳପତ୍ର ପୋଥି, ୫୦ରୁ ଉର୍ଦ୍ଧ୍ୱ ହାତଲେଖା ପୋଥି ରହିଛି। ଏହା ସହ ଓଡିଶାର ୬୨ ଜନଜାତିଙ୍କ ମଧ୍ୟରୁ ଦକ୍ଷିଣ ଓଡିଶାର ପ୍ରାୟ ଜନଜାତିଗୁଡିକ ବ୍ୟବହାର କରୁଥିବା ଅଳଙ୍କାର ଏଠି ରଖାଯାଇଛି।



ତାଳପତ୍ରରେ ଗୀତଗୋବିନ୍ଦ ।




ଆଦିବାସୀ ଧାତବକଳା

# ବାଲେଶ୍ୱର ପାଲଟିଛି ନକଲି ବିଦେଶୀ ମଦ ହବ୍

ବାଲେଶ୍ୱର ଅଫିସ,୨୭।୨

ବାଲେଶ୍ୱର ସହର ଏବଂ ତାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ନକଲି ବିଦେଶୀ ମଦର ବ୍ୟାପକ କାରବାର ବଢ଼ି ଚାଲିଥିବାରୁ ଯେକୌଣସି ସମୟରେ ମଦମୃତ୍ୟୁ ଭଳି ଅଘଟଣ ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ସ୍ପିରିଟ୍ ଏବଂ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ମିଶ୍ରଣରେ ନକଲି ବିଦେଶୀ ମଦ ତିଆରି କରି ମଦ ବେପାରୀମାନେ ମାଲାମାଲ ହେଉଥିବା ଜଣାପଡ଼ିଛି। ଏହି ନକଲି ମଦ ସବୁକୁ ରାଜପଥପାର୍ଶ୍ୱ ଢ଼ାବା, ହୋଟେଲ ଏବଂ ଗ୍ରାମାଞ୍ଚଳରେ ବିଭିନ୍ନ ପାନ ଦୋକାନରେ ଅବାଧରେ ବିକ୍ରି ହେଉଛି। ଏହାଛଡ଼ା ବାଲେଶ୍ୱର ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା କେତେକ ଅଫ୍‌ସପ୍ (ଠିପି ବନ୍ଦ) ବିଦେଶୀ ମଦ ଦୋକାନରେ ମଧ୍ୟ ଏହିସବୁ ନକଲି ଓ ନିମ୍ନମାନର ମଦ ବିକ୍ରି ହେଉଥିବାର ବାରମ୍ବାର ଅଭିଯୋଗ ହୋଇଆସୁଛି।

କିଛିଦିନ ତଳେ ମିତ୍ରପୁର ଅଞ୍ଚଳର ଜଣେ କୁଖ୍ୟାତ ମଦ ବେପାରୀ ନିଜେ ମଦ ପ୍ରସ୍ତୁତ କରୁଥିବାର ଫଟୋଚିତ୍ର ଲୋକଲୋଚନକୁ ଆସିଥିଲା। ସେଠାରୁ ଏକ ପିକଅପ୍ ଭର୍ତ୍ତି ନକଲି ବିଦେଶୀ ମଦକୁ ମଧ୍ୟ ଜବତ କରାଯାଇ ଜଣକୁ ଗିରଫ କରାଯାଇଥିଲେ ବି ମାମଲାକୁ ଦୁର୍ବଳ କରାଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ଅନ୍‌ସପ୍ (ଠିପି ଖୋଲା) ବା ବାର୍‌ଗୁଡିକରେ ନିମ୍ନମାନର ମଦ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ ବିଭାଗ ଏଥିପ୍ରତି ଆଖି ବୁଜି ଦେଇଥିବାର ଅଭିଯୋଗ ହେଉଛି। ସେହିପରି ଗତ ଫେବୃୟାରୀ ୧୫ ତାରିଖ ରାତି ପ୍ରାୟ ୧୦ଟା ସମୟରେ ବିଭିନ୍ନ ଅଭିଯୋଗକୁ ଆଧାର କରି ସିନେମା ଛକ ସ୍ଥିତ ଏକ ବାର୍ ଉପରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ତେବେ ଉକ୍ତ ବାର୍‌ର ଷ୍ଟକ୍ ଖାତା ଅପଡେଟ୍ ନ ଥିବାବେଳେ ସ୍ୱୀକୃତି ପ୍ରାପ୍ତ ବାର୍ ବୟ ମଧ୍ୟ ନ ଥିବାବେଳେ ଓଏସ୍‌ବିସିରୁ ଉଠାଯାଇଥିବା ମଦ ଅପେକ୍ଷା ସେଠାରେ ଯଥେଷ୍ଟ ଅଧିକ ପରିମାଣର ମଦ ମହଜୁଦ୍ ଥିବା ଜଣାପଡ଼ିଥିଲା।


ମିତ୍ରପୁର ଅଞ୍ଚଳର ଏକ ମଦ ଦୋକାନର କର୍ମଚାରୀ ଭଡ଼ାଘରେ ନକଲି ମଦ ପ୍ରସ୍ତୁତ କରୁଛନ୍ତି।

ଉକ୍ତ ବାର୍ ଉପରେ ଦୀର୍ଘ ୨ଘଣ୍ଟା ଧରି ଚଢ଼ାଉ କରାଯାଇ ସେଠାରେ ବିଭିନ୍ନ ପ୍ରକାରର ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ମାତ୍ର ଅବକାରୀ ବିଭାଗ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଗଲା ନାହିଁ। ତେବେ କୌଣସି ବଡ଼ଧରଣର ଅଘଟଣ ଘଟିବା ପୂର୍ବରୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ଜିଲା ଅବକାରୀ ଅଧିକ୍ଷକ ବିବେକାନନ୍ଦ ନାୟକଙ୍କୁ ପଚାରିବାରୁ ଅଭିଯୋଗକ୍ରମେ ଉକ୍ତ ବାର୍ ଉପରେ ଚଢ଼ାଉ କରାଯାଇଥିଲା। ବାର୍‌ର ସମସ୍ତ ଆଇନ୍‌ଗତ କାଗଜ ଠିକ୍‌ଠାକ୍ ଥିବାବେଳେ ସ୍ୱୀକୃତିପ୍ରାପ୍ତ ବାର୍ ବୟ ମଧ୍ୟ ଅଛନ୍ତି। ଅନ୍ୟପକ୍ଷେ ମିତ୍ରପୁର ଅଞ୍ଚଳରେ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ ରହୁଥିବା ଜଣେ କର୍ମଚାରୀ ତା'ର ଭଡ଼ା ଘରେ କମ୍‌ଦାମ୍‌ର ବିଦେଶୀ ମଦକୁ ଅଧିକ ଦାମ୍ ଥିବା ବିଦେଶୀ ମଦ ବୋତଲରେ ପୁରାଇ ସିଲ୍ କରି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ମଦ ଦୋକାନୀ ମାଲିକ ଉକ୍ତ କର୍ମଚାରୀଙ୍କୁ ବାହାର କରିଦେଇଥିବା ପ୍ରକାଶ କରିଥିଲେ।

## କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ, ଜଣେ ଗିରଫ

ସୋର,୨୭।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ କଲେଜ ଛକ ନିକଟରେ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ୟୁନିଟ୍-୨ ତରଫରୁ କୌଣସି ସୂତ୍ରରୁ ଖବର ପାଇ ଏକ କାର୍ ମଧ୍ୟରେ ଯାଉଥିବା ୪୦୦ ଲିଟରରୁ ଅଧିକ ଦେଶୀ ମଦ ଜବତ କରାଯିବା ସହ କାର୍‌ର ଡ୍ରାଇଭରକୁ ଗିରଫ କରାଯାଇଛି।

ପ୍ରକାଶ ଯେ, କେନ୍ଦ୍ରାଞ୍ଚଳ ବିଭାଗ ତରଫରୁ କୌଣସି ସୂତ୍ରରୁ ଖବରପାଇ ଆଇଆଇସି ଜଗଦିଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ୫ ଜଣିଆ ଟିମ୍ ଏହି ମଦ ବୋଝେଇ କାର୍‌କୁ ଜବତ କରିଛନ୍ତି। କାର୍‌ଟି ପୁରୁଣାବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିଲା। କାର୍ ମଧ୍ୟରୁ ୪୦୦ ଲିଟରରୁ ଉର୍ଦ୍ଧ୍ୱ ମଦ ଜବତ କରାଯିବା ସହିତ ଡ୍ରାଇଭର ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଞ୍ଚଳର ସନ୍ତୋଷ ସୁତାରଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉ ସମୟରେ ସବ୍‌ଇନ୍ସପେକ୍ଟର ଧନଞ୍ଜୟ ପାତ୍ର, ପ୍ରଦୀପ କୁମାର ବେହେରା, କିଶୋର ଚନ୍ଦ୍ର ରାଉତ, ବସନ୍ତ କୁମାର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଜଗନ୍ନାଥ ନାୟକ ପ୍ରମୁଖ ସାମିଲ ଥିଲେ।

## ହୋଟେଲରେ ନକଲି ବିଦେଶୀ ମଦ କାରଖାନା

**ସୋର,୨୭।୨(ଡି.ଏନ.ଏ.):** ଅବକାରୀ କମିଶନର ଅଞ୍ଜନ କୁମାର ମାଣିକଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକ ଓ ଗୋଇନ୍ଦା ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦିଲ୍ଲୀପ କୁମାର ପଲେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋର ଅବକାରୀ ଥାନା ଓ ଜିଲା ଅବକାରୀ ବିଭାଗ ଭ୍ରାମ୍ୟମାଣ ଥାନା ତରଫରୁ ଗୁରୁବାର ସୋରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ ସହ ୬ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ସୋର ଉତ୍ତରେଶ୍ୱରସ୍ଥିତ ସାଇରାଜ ହୋଟେଲରେ ନକଲି ବିଦେଶୀ ମଦ କାରଖାନା ଠାବ କରି ବିଭିନ୍ନ ସାମଗ୍ରୀ ସହିତ ୯ଶହ ଠିପି, ଲେବୁଲ, ୩୧ ଲିଟର ସ୍ପିରିଟ, ୧୭ଲିଟର କେମିକାଲ ଜବତ କରାଯାଇଥିବାବେଳେ ହୋଟେଲ ମାଲିକ ସ୍ୱାଗତ ଆଶଙ୍କୁ ଗିରଫ କରାଯାଇଛି। ସେହିପରି ମଦ ସହ ଅନ୍ୟ ସ୍ଥାନରୁ ଗିରଫ ଅଭିଯୁକ୍ତ ହେଲେ ମୂଳେଶ୍ୱର ଗ୍ରାମର କୈଳାସ ସାହୁ, ଅଡ଼ଙ୍ଗ ବଜାରର ଜନାର୍ଦ୍ଦନ ପାତ୍ର, ମଞ୍ଜୁଲତା ପରିଡ଼ା, ମଞ୍ଜୁ ଜେନା ଏବଂ ଅଜୟ ଜେନା। ଏନେଇ ମାମଲା ରୁଜୁ ହେବାପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଜବତ ମଦ, ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

**ଖଇରା, ୨୭।୨(ଡି.ଏନ.ଏ):** ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ଖଇରା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଅଙ୍ଗନୱାଡି କେନ୍ଦ୍ର ଗୃହ ଲାଗି ଉପୁଜୁଥିବା ଜାଗା ସମସ୍ୟାର ସମାଧାନ, ପ୍ରତି ପଞ୍ଚାୟତରେ କିଭଳି ୨ଟି ଲେଖାଏ ବିଦ୍ୟାଳୟ ଆଦର୍ଶ ବିଦ୍ୟାଳୟ ଭାବେ ପରିଗଣିତ ହୋଇପାରିବ ସେଥିଲାଗି ଶିକ୍ଷା ବିଭାଗ ପକ୍ଷରୁ ଭିତ୍ତିଭୂମି ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସିଡିପିଓ ନର୍ମଦା ଦେଓ, ତହସିଲଦାର ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କାର୍ଯ୍ୟରେ ଯୋଗଦେଲେ ବିଡିଓ

**ଭୋଗରାଇ,୨୭।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଗୁରୁବାର ନୂତନ ବିଡିଓ ଭାବେ ସତ୍ୟଜିତ୍ ରାଉତ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଓଡ଼ିଶାର ସର୍ବବୃହତ ଭୋଗରାଇ ବ୍ଲକରେ ୫୦ ପଞ୍ଚାୟତକୁ ନେଇ ସରକାରଙ୍କ ନିୟମ ପରିଧି ମଧ୍ୟରେ ନୂତନ ବିଡ଼ିଓ ସମସ୍ତଙ୍କୁ ନେଇ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଛନ୍ତି। କାର୍ଯ୍ୟଭାର ଗ୍ରହଣ କରିଥିବା ନୂତନ ବିଡିଓଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ୍ ଦୀପକ କୁମାର ଦାସ ଓ ବ୍ଲକର ବରିଷ୍ଠ ଓ କନିଷ୍ଠ କର୍ମଚାରୀମାନେ ସ୍ୱାଗତ କରିଥିଲେ।

## ସଂକ୍ଷେପରେ

### ଲଙ୍ଗଳେଶ୍ୱର ଜାଗର ମେଳାରେ ଅବ୍ୟବସ୍ଥା

**ବାଲିଆପାଳ,୨୭।୨(ଡି.ଏନ.ଏ.):** କୋର୍ଟରେ ମାମଲା ଯୋଗୁ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପ୍ରାଚୀନ ଶୈବପୀଠରେ ଅନୁଷ୍ଠିତ ଜାଗର ମେଳାରେ ବହୁ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ଦୀର୍ଘଦିନ ଧରି ବସୁଥିବା ଏହି ମେଳାରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହେଉଥିଲେ ମଧ୍ୟ ସରକାରୀ ତହବିଲକୁ ଟଙ୍କାଟିଏ ମଧ୍ୟ ଯାଏ ନାହିଁ ପୂଜକ ପରିବାରର ମାଲିକାନାରେ ମେଳାଟି ପରିଚାଳିତ ହୁଏ। ମେଳାରେ ବହୁ ଷ୍ଟଲ, ମୀନାବଜାର, ନାଗର ଦୋଳି, ଅନ୍ୟାନ୍ୟ ଦୋକାନବଜାର ବସେ। ଏଥିରେ ପୂଜକ ପରିବାର ଷ୍ଟଲ, ଦୋକାନ ବସାଇବା ବାବଦରେ ଲକ୍ଷାଧିକ ଟଙ୍କା ବେଆଇନ୍ ଭାବେ ଆଦାୟ କରନ୍ତି। ମେଳାରେ ଜୁଆର ପସରା ମଧ୍ୟ ଦେଖିବାକୁ ମିଳେ। ଜାଗର ବ୍ରତ ଓ ଦୀପ ଜାଳିବା ପାଇଁ ଭକ୍ତମାନଙ୍କୁ ଦକ୍ଷିଣା, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଦେବାକୁ ପଡ଼େ। ଏଠାରେ ପ୍ରାୟ ଏକ ଲକ୍ଷ ଭକ୍ତ ଜାଗର ଦୀପ ଜାଳନ୍ତି। ଏଥିରୁ ଲକ୍ଷାଧିକ ଟଙ୍କା ରୋଜଗାର ହେଉଥିଲେ ମଧ୍ୟ ସରକାରଙ୍କ ତହବିଲକୁ ଟଙ୍କାଟିଏ ଆସେ ନାହିଁ ଅନ୍ୟପକ୍ଷରେ ପୂଜକ ପରିବାର ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିଲେ ମଧ୍ୟ ପୀଠର ଉନ୍ନତି ପାଇଁ ଉଦାସିନ, ପରିମଳ ଓ ପାନୀୟଜଳ ଯୋଗାଣ ସେମିତି କିଛି ବ୍ୟବସ୍ଥା ନାହିଁ ସାମାନ୍ୟ ବର୍ଷାରେ ମେଳା ପରିସର କାଦୁଅ ପଚପଚ ହୋଇଯାଏ। ଗତ ଦୁଇବର୍ଷ ତଳେ ଦେବୋତ୍ତର ବିଭାଗ ଏକ ଟ୍ରଷ୍ଟ ବୋର୍ଡ ଗଠନ କରିଥିଲେ। ପୂଜକ ପରିବାର ପକ୍ଷରୁ କୋର୍ଟରେ ତାହାକୁ ଚ୍ୟାଲେଞ୍ଜ କରାଯାଇଥିଲା। ମାମଲାଟି ଏବେ ବିଚାରାଧୀନ ରହିଛି। ତେବେ ପୂଜକ ପରିବାର ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଥିବାବେଳେ ଟ୍ରଷ୍ଟବୋର୍ଡର ପୂର୍ବତନ ସଭାପତି ରାମଚନ୍ଦ୍ର ଦାସ, ସ୍ଥାନୀୟ ଅଧିବାସୀ ଚିତ୍ତରଞ୍ଜନ ଜେନା, ରବିରଞ୍ଜନ ତ୍ରିପାଠୀ, ଯୁଗଳ କିଶୋର ମହାନ୍ତି ପ୍ରମୁଖ ତୁରନ୍ତ ଟ୍ରଷ୍ଟ ବୋର୍ଡ଼ କାର୍ଯ୍ୟକାରୀ କରିବାକୁ ସରକାରଙ୍କ ଠାରେ ଦାବି କରିଛନ୍ତି।

### ହାତୀ ଠାବ କରିବାକୁ ଯାଇ ବନରକ୍ଷୀ ଆହତ

**ଭଞ୍ଜନଗର,୨୭।୨(ଡି.ଏନ.ଏ):** ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜର ବନରକ୍ଷୀ ଶ୍ରୀମାନ ପ୍ରଧାନ ଲଙ୍ଗଳଖୋଳା ଜଙ୍ଗଲକୁ ହାତୀ ଗତିବିଧି ଦେଖିବାକୁ ଯାଇଥିବା ବେଳେ ପଡ଼ିଯାଇ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଭଞ୍ଜନଗର ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ରେଞ୍ଜର ଆଶାଲତା ଦିଗାଲ ବଡ଼ ମେଡ଼ିକାଲରେ ଶ୍ରୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ କରୁଛନ୍ତି। ପ୍ରକାଶ ଯେ, ହାତୀପଲଙ୍କ ଗତିବିଧି ନଜର ରଖି ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଥିବାରୁ ଶ୍ରୀମାନ ଓ ତାଙ୍କ ଅନ୍ୟ ସହଯୋଗୀମାନେ ଲଙ୍ଗଳଖୋଳା ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ସେମାନେ ହାତୀ ସହ ମୁହାଁମୁହିଁ ହେବାରୁ ଶ୍ରୀମାନ ଦୌଡ଼ି ପଳାଇ ଆସୁଥିବା ବେଳେ ତଳେ ପଡ଼ି ଆହତ ହୋଇଥିଲେ। ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ମେଡ଼ିକାଲକୁ ଆଣିଥିଲେ। ଡିଏଫଓ ଅଭୟ କୁମାର ଦଳେଇ ଘଟଣା ଉପରେ ନଜର ରଖିଛନ୍ତି।

### ସିସିଟିଭି ଲାଗିବା ପରେ ବି ଅନିୟମିତତା

ଖଇରା, ୨୭।୨(ଡି.ଏନ.ଏ): ବାଲେଶ୍ୱର ଜିଲା ଖଇରା ବ୍ଲକରେ ସିସିଟିଭି ଲାଗିଥିବା ଏକ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ କପି ଚାଲିଥିବା ଭଳି ଅନିୟମିତତା ପଦାକୁ ଆସିଛି। ପରୀକ୍ଷା ଆରମ୍ଭ ସମୟ ପୂର୍ବାହ୍ନ ୧୦ଟା ଥିବାବେଳେ ଏହି ସମୟରେ ପ୍ରତ୍ୟେକ ଦିନ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେଉଥିବା ପରିଲକ୍ଷିତ ହୋଇଥିଲା। ପ୍ରଥମ ୧ ଘଣ୍ଟା ଯେତିକି ସମୟରେ ପିଲା ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଦେଉଥିଲେ ସେତିକି ସମୟ ବିଦ୍ୟୁତ୍ କାଟ ହେବା ନେଇ ଅଭିଭାବକଙ୍କ ନଜରକୁ ଆସିଥିଲା। ଗତ ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ସମୟରେ ବିଦ୍ୟୁତ୍ କାଟ୍ ହେବା ଏବଂ ପରୀକ୍ଷାର୍ଥୀମାନଙ୍କୁ ଉତ୍ତର କହିବା ପାଇଁ ଏଭଳି ଉପାୟ ଅବଲମ୍ବନ କରାଯାଉଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଏଥିରେ ବିଦ୍ୟୁତ୍ ବିଭାଗର କେତେଜଣ ଅସାଧୁ କର୍ମଚାରୀ ସାମିଲ ଥିବା ଜଣାପଡ଼ିଥିଲା। ବୁଧବାର ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ର ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଉକ୍ତ କେନ୍ଦ୍ରକୁ ପଠାଇ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏଭଳି ଅନିୟମିତତା ଦୃଷ୍ଟିକୁ ଆସିବା ପରେ ସେ କଡ଼ା ନଜର ରଖିଥିବା କହିଛନ୍ତି।

# ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

ଜଳେଶ୍ୱର,୨୭।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଜଳେଶ୍ୱର ରେଳ ଷ୍ଟେଶନର ଉତ୍ତର କେବିନ୍‌ର ପୂର୍ବପଟେ ଥିବା ରେଲୱେ ସ୍ଥାନରୁ ଗୁରୁବାର ୨୨ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ତେବେ ଏକ ଯାତ୍ରୀ ବିଶ୍ରାମାଗାରକୁ ଉଚ୍ଛେଦ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ସମସ୍ତ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବାକୁ ସେମାନେ ଅଡ଼ି ବସିଥିଲେ। କପାସିଆ ରୋଡ୍‌ର ହନୁମାନ ମନ୍ଦିରଠାରେ ରାସ୍ତାର ଦୁଇକଡ଼ରେ ଥିବା ରେଲୱେ ଜାଗାରେ କେତେଜଣ ବ୍ୟକ୍ତି ଦୀର୍ଘବର୍ଷ ଧରି ରହିଆସୁଥିଲେ। ସମସ୍ତେ ଦୋକାନ କରି ଚଳି ଆସୁଥିବାବେଳେ ଅନ୍ୟ କେତେକଙ୍କର ଅନ୍ୟତ୍ର ବାସଗୃହ ନ ଥିବାରୁ ସେଠାରେ ସ୍ଥାୟୀ ଭାବେ ରହିଆସୁଥିଲେ। କିନ୍ତୁ ସ୍ଥାନୀୟ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ତିକ୍ତତାକୁ ନେଇ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ବିଚାରାଧୀନ ଥିଲା। ସୂଚନା ଅନୁଯାୟୀ, ଉଚ୍ଚ ନ୍ୟାୟାଳୟ ଖଡ଼ଗପୁରସ୍ଥିତ ଡିଆର୍‌ଏମ୍‌ଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରେଳ ଡିଭିଜନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ଚିଠି ନଂ. ୪୬ ତା ୧୧।୨।୨୦ ରିଖ ଅନୁଯାୟୀ ସେଠାରେ ବସବାସ କରୁଥିବା ୨୪ ଜଣଙ୍କୁ ୭ଦିନ ମଧ୍ୟରେ ସ୍ଥାନ ଛାଡ଼ିବାକୁ ନିର୍ଦ୍ଦେଶ ହୋଇଥିଲା। ଜବରଦଖଲକାରୀଙ୍କ ଅନୁରୋଧକ୍ରମେ ଡିଆର୍‌ଏମ୍ ଅଧିକ ୩ ଦିନ ସମୟ ଦେଇଥିବାରୁ ଗୁରୁବାର ସକାଳ ସୁଦ୍ଧା ୨ଜଣ ବ୍ୟକ୍ତି ସେମାନଙ୍କ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ଅନ୍ୟ ଜବରଦଖଲକାରୀଙ୍କ ଗୃହ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ବେଳେ ଜଳେଶ୍ୱର ଷ୍ଟେଶନ ମ୍ୟାନେଜର ଖଗେନ୍ଦ୍ର ମଣ୍ଡଳ, ସେକ୍ସନ ଇଞ୍ଜିନିୟର ଅଜିତ୍ ପ୍ରସାଦ ମିଶ୍ର ଓ ସୃଷ୍ଟିଧର ପୃଷ୍ଟି, ଜିଆର୍‌ପି ପୂର୍ଣ୍ଣଚନ୍ଦ୍ର ବେହେରା, ସବ୍‌ଇନ୍ସପେକ୍ଟର ସୁଶାନ୍ତି ସିଂ, ଏଏସ୍‌ଆଇ ସୁଶୀଲ ଖୁଜରଙ୍କ ସହିତ ଆର୍‌ପିଏଫ୍ ଆଇଆଇସି ଭଗବାନ ସିଂ, ଓଆଇସି ବି. ସିଂ, ଏଏସ୍‌ଆଇ ଏସ୍ ସରକାର, କେ.ଏସ୍ ପଣ୍ଡା ଏବଂ ଜଳେଶ୍ୱର ଥାନା ଆଇଆଇସି ଧନେଶ୍ୱର ସାହୁ, ଏଏସ୍‌ଆଇ ରମାକାନ୍ତ ସେଠୀ, ହାବିଲଦାର ତ୍ରିଲୋଚନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

## ଦୁର୍ଘଟଣାରେ ୪ ଗୁରୁତର

ଜଳେଶ୍ୱର,୨୭।୨(ସ୍ୱ.ପ୍ର)

ବାଲେଶ୍ୱର ଜିଲା ୬୦ ନଂ. ଜାତୀୟ ରାଜପଥର ଜଳେଶ୍ୱର ନିକଟବର୍ତ୍ତୀ ଜି.ଟି ରେଷ୍ଟୁରାଣ୍ଟ ସମ୍ମୁଖରେ ଗୁରୁବାର ଦ୍ୱିପ୍ରହରରେ ଏକ ଅଟୋ ଓ ବୋଲେରୋ ଧକ୍କାରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଅଟୋଟି ଭୋଗରାଇ ଅଞ୍ଚଳରୁ ଆସି ବାଲେଶ୍ୱର ଅଭିମୁଖେ ଯିବାବେଳେ ରାସ୍ତାର ଡାହାଣ କଡ଼କୁ ଚାଲି ଯାଇଥିଲା। ସମାନ ଦିଗରୁ ଆସୁଥିବା ବୋଲେରୋ ଦ୍ରୁତଗତିରେ ଆସି ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏଥିରେ ଥିବା ଭୋଗରାଇ ଥାନା ନିମାତପୁର ଗ୍ରାମର ରତ୍ନାକର ବେହେରା, ନାରାୟଣପୁରର ବାସନ୍ତୀ ବେହେରା, ଓଲପନା ବେହେରା ଏବଂ ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ଗାଁର ଦେବବ୍ରତ ରାଉଳ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଜିକେ ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## କ୍ଷତ୍ରିୟବରପୁରରେ ସ୍ୱାସ୍ଥ୍ୟ ଶିବିର



ମଞ୍ଚାସୀନ ଅତିଥି।

ଭଞ୍ଜନଗର,୨୭।୨(ଡି.ଏନ.ଏ)

ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁରରେ ୨ ଦିନିଆ ସ୍ୱାସ୍ଥ୍ୟ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଡିଓ ସରୋଜ କୁମାର ବେହେରା, ଭାରପ୍ରାପ୍ତ ସିଡ଼ିଏମ୍‌ଓ ଆର୍. ଜଗଦୀଶ , ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ ନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ମାଗଣାରେ ଯୋଗ ଦିଆଯାଇଥିଲା। ଶୁକ୍ରବାର ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କ ସମ୍ମିଳନୀ କାର୍ଯ୍ୟକ୍ରମ ରହିଛି।

## ଢୁଢୁଆ କାଳିମନ୍ଦିର ପ୍ରତିଷ୍ଠା ଉତ୍ସବ


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମନ୍ଦିର ପରିଦର୍ଶନ କରୁଛନ୍ତି।

ଭଞ୍ଜନଗର,୨୭।୨(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ଢୁଢୁଆ କାଳି ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ୪ର୍ଥ ଦିବସରେ ପହିଞ୍ଚିଛି। ଶନିବାର ଭୋରେ ଏହା ଉଦ୍‌ଯାପିତ ହେବ। ଉତ୍ସବରେ ଲୋକଙ୍କ ଭିଡ଼ ଜମୁଛି। ଗୁରୁବାର ସନ୍ଧ୍ୟାରେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମନ୍ଦିର ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ମନ୍ଦିର ସମେତ ମନ୍ଦିରକୁ ଲାଗିଥିବା ଅନ୍ୟ ଅଞ୍ଚଳର ଉନ୍ନତି କିଭଳି ହୋଇପାରିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ମନ୍ତ୍ରୀଙ୍କ ଗସ୍ତ ସମୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭବାନୀ ଶଙ୍କର ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ, ସରପଞ୍ଚ ପ୍ରଶାନ୍ତ ରାଉଳ, ଶୂଳପାଣି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ଡାକ୍ତରଖାନାକୁ ୬ ଡାକ୍ତର

ବାଲିଆପାଳ,୨୭।୨(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଲିଆପାଳ ବ୍ଲକର ୩ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଥିବାବେଳେ ପଡ଼ୋଶୀ ଜଳେଶ୍ୱର ଏବଂ ବସ୍ତା ବ୍ଲକର କେତେକ ଲୋକ ମଧ୍ୟ ଏହା ଉପରେ ନିର୍ଭର କରିଆସୁଛନ୍ତି। ବାଲିଆପାଳ ବ୍ଲକରେ ଥିବା ୭ଟି ଡାକ୍ତରଖାନାରେ ଦୁଇ ଦାନ୍ତ ଡାକ୍ତରଙ୍କୁ ମିଶାଇ ଏବେ ମୋଟ ୬ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଣେ ମାତ୍ର ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଦୁଇ ସିଏଚ୍‌ସି ଯଥା ବାଲିଆପାଳ ଏବଂ ପ୍ରତାପପୁରରେ କାର୍ଯ୍ୟ କରୁଛନ୍ତି। ଅନ୍ୟ ପିଏଚ୍‌ସି ଘଣ୍ଟିଆ, ଶ୍ରୀରାମପୁର, ଜାମକୁଣ୍ଡା, ବୋଲଂ ଆଦିରେ ମେଡ଼ିକାଲ ଅଫିସର୍ କେହି ନଥିବା ସହିତ ବାଲିଆପାଳ, ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ପଦବୀ ଖାଲି ପଡ଼ିଥିବା ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ଆବାହକ ଅନୁଜ କୁମାର ମହାପାତ୍ର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିସହିତ ସେ କହିଛନ୍ତି ୭ଟି ଡାକ୍ତରଖାନାରେ ଖାଲି ପଡ଼ିଥିବା ସମସ୍ତ ଡାକ୍ତର ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଫାଇପ୍-ଟି ସଚିବ, ଜିଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଡାକ୍ତର ନିଯୁକ୍ତିରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ବାଲିଆପାଳ ସୂଚନା ଅଧିକାର ଅଭିଯାନ ତରଫରୁ ଆସନ୍ତା ୩ ତାରିଖରୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯିବ। ଡାକ୍ତର ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ବୋଲି ଧାରଣାରୁ ଓହରିବେ ନାହିଁ ବୋଲି ଆବାହକ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅକ୍ଷୟ କୁମାର ଦାସ, ଅରୁଣ କୁମାର ମଣ୍ଡଳ, କୁଶଧ୍ୱଜ ଜେନା, ପ୍ରହ୍ଲାଦ ଘଡ଼ାଇଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ସୂଚନା ଅଧିକାର ଅଭିଯାନର ସଦସ୍ୟ।

## ଭୋଗରାଇ ବ୍ଲକ ଆଗରେ ଡିଏସ୍‌ଓର ବିକ୍ଷୋଭ

ଭୋଗରାଇ,୨୭।୨(ଡି.ଏନ.ଏ.)

ସମସ୍ତ ବ୍ଲକଗ୍ରାଣ୍ଟ ସ୍କୁଲକୁ ସରକାରୀ ସ୍କୁଲ ସହିତ ମିଶ୍ରଣ ବନ୍ଦ କରିବା, ବିଏଡ ଓ ଏମଏଡ କଲେଜଗୁଡ଼ିକ ବନ୍ଦ କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା ସହ ଶିକ୍ଷୟିତ୍ରୀଶିକ୍ଷକ ଅଧ୍ୟାପିକାଅଧ୍ୟାପକମାନଙ୍କୁ କଟକଣା ଆଳରେ ଆନ୍ଦୋଳନରୁ ବିରତ କରିବା ପ୍ରଭୃତି ଦାବି ନେଇ ରାଜ୍ୟ ଗଣତାନ୍ତ୍ରିକ ଛାତ୍ର ସଂଗଠନ (ଡିଏସ୍‌ଓ) ଆହ୍ୱାନ କ୍ରମେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

**ସଂକ୍ଷେପରେ**

## ପଦାର୍ଥ ବିଜ୍ଞାନ, ଓଡ଼ିଆ ବିଭାଗର ଆଲୋଚନାଚକ୍ର

**ଭଞ୍ଜନଗର,୨୭।୨(ଡି.ଏନ.ଏ.):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଥିଲା। ଓଡିଆ ବିଭାଗ ବୈଠକରେ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ବିଭାଗୀୟ ଅଧାପିକା ରାଜଲକ୍ଷ୍ମୀ ରଥ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରଶାସନିକ ଅଧିକାରୀ ସୁବାସ ପ୍ରଧାନ, ପ୍ରାଧାପକ ସୁକାନ୍ତ କୁମାର ମିଶ୍ର, ଡ.ବିନୋଦ ଚନ୍ଦ୍ର ଦାସ, ବିକ୍ରମ ପ୍ରଧାନ, ଅଧାପିକା ଦିପାଶ୍ରୀ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧାପିକା ରୋଜାଲିନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ପଦାର୍ଥ ବିଜ୍ଞାନ ବିଭାଗ ବୈଠକରେ ବିଭାଗୀୟ ମୁଖ୍ୟ ଅଧାପିକା ସସ୍ମିତା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧକ୍ଷଙ୍କ ସମେତ ପ୍ରାଧାପକ ସାତ୍ୟକୀ ସାହୁ, ଅଧାପକ ଲକ୍ଷ୍ମୀକାନ୍ତ ମହାପାତ୍ର, ମନୋରଞ୍ଜନ ସାହୁ, ଅଧାପିକା ସୁନିତା ରାଣୀ ଖଣ୍ଡୁଆଳ, ଦୀପନିତା କର, ପ୍ରତିଧ୍ୱନି ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧାପିକା ସୁଧାଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ରେନେଜ୍ ବ୍ୟବସ୍ଥା ପାଇଁ ଦାବି



**ଜି.ଉଦୟଗିରି,୨୭।୨(ଡି.ଏନ୍.ଏ.):** ଜି.ଉଦୟଗିରି ଏନ୍ଏସିର ୧୧ନଂ. ୱାର୍ଡରେ ମଇଳା ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନାହିଁ ଫଳରେ ଏହି ୱାର୍ଡର ପାୱାର ହାଉସ୍ ଛକ ଠାରୁ ଜଳସେଚନ ବିଭାଗ ନିକଟରେ ଥିବା ନିୟୁ କଲୋନୀ ପର୍ଯ୍ୟନ୍ତ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସରାଏ ବର୍ଷା ହେଲେ ମଇଳା ପାଣି ଓ ବର୍ଷାପାଣି ରାସ୍ତାରେ ଭାସୁଛି ବୋଲି ଭାଜପା ନଗର ସଭାପତି ଉଦେଶନ ପ୍ରଧାନ ଅଭିଯୋଗ କରିଛନ୍ତି। ବାରମ୍ବାର ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଜଣାଇଲେ ମଧ କୌଣସି ପ୍ରତିକାର ହେଉନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟବାସିନ୍ଦା ଓ ଉଦେଶନ ଦାବି କରିଛନ୍ତି।

## ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ବୁଗୁଡ଼ା,୨୭।୨(ଡି.ଏନ.ଏ.):** ବୁଗୁଡ଼ା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ରବୀନ୍ଦ୍ର କୁମାର ମିଶ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ରାୟଗଡ଼ା ଜିଲା ପଦ୍ମପୁର ତହସିଲରୁ ବଦଳି ହୋଇ ଏଠାରେ ନିଯୁକ୍ତି ପାଇଛନ୍ତି। ଏହି ଅବସରରେ ବୁଧବାର ସରକାରୀ ଓକିଲ ବିଭୁଦତ୍ତ ନାୟକଙ୍କ ସମେତ ଅନ୍ୟାନ୍ୟ ଓକିଲ ଏବଂ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ ନୂତନ ତହସିଲଦାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# କୁଶଳୀ କାରିଗର ମାନ୍ୟତା ନ ମିଳିଲେ ଆନ୍ଦୋଳନ

**ଖଜୁରିପଡ଼ା,୨୭।୨(ଡି.ଏନ.ଏ.)**

କନ୍ଧମାଳ ଜିଲାସ୍ତରୀୟ ସ୍ୱାବଲମ୍ବୀ କାରିଗର ସଂଘର ଏକ ବୈଠକ ବାଲିଗୁଡ଼ାସ୍ଥିତ ଗାୟତ୍ରୀ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘର ସଭାପତି ନିରଞ୍ଜନ ମହାନନ୍ଦ ଓ ମୁଖ୍ୟ ଉପଦେଷ୍ଟା ବୈଦ୍ୟନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ୧୨ ବ୍ଲକ ତଥା ୧୭୧ ପଞ୍ଚାୟତରେ କାର୍ଯ୍ୟରତ ନଳକୂପ ମରାମତି, ପମ୍ପ ଚାଳକ, ମୋଟର ମେକାନିକମାନଙ୍କ ସମସ୍ୟା ଆଲୋଚନା କରାଯାଇଥିଲା। ସ୍ୱାବଲମ୍ବୀ କାରିଗରଙ୍କୁ କୁଶଳୀ କାରିଗରର ମାନ୍ୟତା ଦେବାକୁ ଦାବି ହୋଇ ଆସୁଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନି। ଏହାର ପ୍ରତିବାଦରେ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ସଂଘ ନିଷ୍ପତ୍ତି ନେଇଛି। ସମସ୍ତ



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ।

**ଜିଲାସ୍ତରୀୟ ସ୍ୱାବଲମ୍ବୀ କାରିଗର ସଂଘ ବୈଠକରେ ନିଷ୍ପତ୍ତି**

ବିଡ଼ିଓଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଉଛି। ଏହା ପରେ ସଂଘ ପକ୍ଷରୁ ରଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପସଭାପତି ସୁରେନ୍ଦ୍ର ବିନ୍ଧାଣୀ, ସମ୍ପାଦକ ତ୍ରିପାଠୀ ଦିଗାଲ, ସହ ସମ୍ପାଦକ ମନୋରଞ୍ଜନ ପାତ୍ର ଓ କୋଷାଧକ୍ଷ ଅର୍ଜୁନ କୁମାର ସାହାଣୀଙ୍କ ସମେତ ବିଭିନ୍ନ ବ୍ଲକର ସଂଘ ସଭାପତି ଗୁରୁଦେବ ନାୟକ, ଦିଗାମ୍ବର ଦିଗାଲ, ଆଦିତ୍ୟ କୁମାର ସାହୁ, ରଞ୍ଜିତ କହଁର, ନକୁଳ ମଲିକ ଓ ସମ୍ପାଦକ ଗୁମାରା ମଲିକ, ରବୀନ୍ଦ୍ର କୁମାର ପୃଷ୍ଟି, ପ୍ରଶାନ୍ତ ଦିଗାଲ, ଧନଞ୍ଜୟ ବେହେରା, ରଘୁନାଥ ପ୍ରଧାନ, ହରବିଶି ମାଝି, ବିନାୟକ ପ୍ରଧାନ ଉପସ୍ଥିତ ଥିଲେ।

# ତୀର୍ଥଯାତ୍ରାରେ ଗଲେ ୫୩ ବରିଷ୍ଠ ନାଗରିକ

**ଫୁଲବାଣୀ ଅଫିସ୍,୨୭।୨**

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କନ୍ଧମାଳ ଜିଲାରୁ ୫୩ ଜଣ ତୀର୍ଥଯାତ୍ରା କରିଛନ୍ତି। ସେମାନଙ୍କ ମଧ୍ୟରେ ୩୭ ପୁରୁଷ ଓ ୧୬ ଜଣ ମହିଳା ଯାତ୍ରୀ ଅଛନ୍ତି। ଏମାନେ ୨ଟି ବସ୍‌ରେ ଗୁରୁବାର ବ୍ରହ୍ମପୁର ଅଭିମୁଖେ ଯାଇଛନ୍ତି। ଜିଲାପାଳ ଡା. ବୃନ୍ଦା ଡି. ବସ୍‌କୁ ପତାକା ଦେଖାଇ ବରିଷ୍ଠ ନାଗରିକଙ୍କ ଯାତ୍ରା ଶୁଭାରମ୍ଭ କରିଥିଲେ । ବ୍ରହ୍ମପୁରରୁ ଏମାନେ ଏକ ସ୍ୱତନ୍ତ୍ର ଟ୍ରେନରେ ତିରୁପତି, ମଦୁରାଇ ଓ ରାମେଶ୍ୱର ଯିବେ । ତୀର୍ଥଯାତ୍ରା ବେଳେ ରହିବା, ଖାଇବା ଓ ବୁଲିବାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ବରିଷ୍ଠ ନାଗରିକମାନଙ୍କ ସୁବିଧା ପାଇଁ ଜିଲା ସଂସ୍କୃତି ଅଧିକାରୀ ଅଞ୍ଜନ କୁମାର ବାରିକ ଓ ଅନ୍ୟ କର୍ମକର୍ତ୍ତା ମଧ ସାଙ୍ଗରେ ଯାଇଛନ୍ତି ।




ଜିଲାପାଳ ବସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ରାଇରଙ୍ଗପୁର ଉଭୟ ମହିଳା, ପୁରୁଷରେ ବିଜୟୀ

**ଫୁଲବାଣୀ ଅଫିସ୍,୨୭।୨**

**ଏସ୍‌ଡିସି କପ୍ ଫୁଟବଲ ପ୍ରତିଯୋଗିତାର ଚତୁର୍ଥ ଦିବସ**

ସ୍ୱତନ୍ତ୍ର ଜନଜାତି ଉନ୍ନୟନ ପରିଷଦ ପକ୍ଷରୁ ଫୁଲବାଣୀସ୍ଥିତ କରୋନେଶନ ପଡ଼ିଆରେ ଚାଲିଥିବା ପ୍ରଥମ ଏସ୍‌ଡିସି କପ୍ ଫୁଟବଲ ପ୍ରତିଯୋଗିତା ଗୁରୁବାର ଚତୁର୍ଥ ଦିବସରେ ପହଞ୍ଚିଛି। ଚତୁର୍ଥ ଦିବସର ପ୍ରଥମ ମ୍ୟାଚ୍ କେନ୍ଦୁଝର ଓ ରାଇରଙ୍ଗପୁର ମହିଳା ଦଳ ମଧ୍ୟରେ ହୋଇଥିଲା। ଏଥିରେ ରାଇରଙ୍ଗପୁର ୪-୦ରେ ବିଜୟୀ ହୋଇଥିଲା। ଦଳର ଡ଼ିଗି ମାଝିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଘୋଷଣା କରାଯାଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ କେନ୍ଦୁଝର ଓ ରାଇରଙ୍ଗପୁର ପୁରୁଷ ଦଳ ମଧ୍ୟରେ ହୋଇଥିଲା। ରାଇରଙ୍ଗପୁର ୧-୦ ଗୋଲରେ ବିଜୟୀ ହୋଇଛି । ଦଳର ଅମିୟ କିସ୍‌କୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍



ପ୍ଲେୟାର୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ବିବେଚିତ କରାଯାଇଛି । ତୃତୀୟ ମ୍ୟାଚ୍ କୋରାପୁଟ ଓ ମାଲକାନଗିରି ପୁରୁଷ ଦଳ ମଧ୍ୟରେ ହୋଇଥିବା ବେଳେ କୋରାପୁଟ ୯-୦ ଗୋଲରେ ବିଜୟୀ ହୋଇଛି। ଦଳର ନରସିଂହ ମାଝିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଶେଷ ମ୍ୟାଚ୍ କୋରାପୁଟ ଓ ମାଲକାନଗିରି ମହିଳା ଦଳ ମଧ୍ୟରେ ହୋଇଥିବା ବେଳେ କୋରାପୁଟ ୧-୦ ଗୋଲରେ ମାଲକାନଗିରିକୁ ହରାଇଛି। କୋରାପୁଟ ଦଳର ନିଶା ପ୍ରସାକାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

## ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜ କମିଟି ଗଠିତ

**କନିଷି,୨୭।୨(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ମନ୍ଦ୍ରିଡ଼ି ପଞ୍ଚାୟତ ପାଲୁର ଗ୍ରାମରେ ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜର ନୂତନ କମିଟି ଗଠିତ ହୋଇଯାଇଛି। ଏଥିରେ ନୂତନ କମିଟି ମଣ୍ଡଳାଧିପତି ଭାବେ କେ. ମାଧବ ରାଓ, ଗ୍ରାମର ନାଇଡୁ ଭାବେ ପି.ଗୁରୁମୂର୍ତ୍ତି, ଉପ-ନାଇଡୁ ଭାବେ ଜି.ବିଶ୍ୱନାଥଙ୍କୁ ନୂତନ ଭାବେ ଦାୟିତ୍ୱ ଦିଆଯାଇଥିଲା। ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜର ଉପସଭାପତି ଡି. ଫକୀରଙ୍କ ସଭାପତିତ୍ୱରେ ୨୧ଖଣ୍ଡ ଗ୍ରାମର ବ୍ୟକ୍ତି ଯୋଗଦେଇ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ଗିରିସୋଲା, ପାଟସୁନପୁର, ଅନନ୍ତରାୟପୁର, କୀର୍ତ୍ତିପୁର, ଲହୁଡ଼ିଗାଁ, ଦୁମଦୁମି, ଗୋଳାବନ୍ଧ, କମଳାପୁର, ବିଲ୍ୱପଲ୍ଲୀ, ହାତୀପାଦ ପ୍ରମୁଖ ମହାମଣ୍ଡଳର ୨୧ ଖଣ୍ଡ ଗ୍ରାମବାସୀ ଓ ନାଇଡୁମାନେ ଯୋଗ ଦେଇଥିଲେ। କ୍ଷତ୍ରିୟ ସମାଜର ସଭାପତି ଏନ. ନାଗରାଜୁ, ସମ୍ପାଦକ ଟି. ମୋହନ ରାଓ, ଟି.ପୁରୁଷୋତ୍ତମ, ଏସ୍. କୃପାକର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ପୀତାମ୍ବରୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ମହାଯଜ୍ଞ ପୂର୍ଣ୍ଣାହୁତି

**ଦିଗପହଣ୍ଡି,୨୭।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଅଧୀନସ୍ଥ ବିଜୟପଦ୍ମନାଭପୁର ଶାସନ ଲାଡିଗାଁରେ ଭଗବତୀ ଗ୍ରାମଦେବତୀ ମା’ ପୀତାମ୍ବରୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଶନିବାରରୁ ମହାଯଜ୍ଞ ଆରମ୍ଭ ହୋଇଥିଲା। ବୁଧବାର ପୂର୍ଣ୍ଣାହୁତି ହୋଇଛି। ମୁଖ୍ୟ ପଣ୍ଡିତ ଭାବେ ଅଶୋକ କୁମାର ପାଢୀଙ୍କ ସମେତ ସମସ୍ତ କାର୍ଯ୍ୟକ୍ରମକୁ ଯଜ୍ଞ ପରିଚାଳନା କମିଟିର ସଭାପତି କୁରେଶୁ ଦାସ, ସମ୍ପାଦକ ସୁବାସ ଚନ୍ଦ୍ର ଦାସ, ସହସମ୍ପାଦକ ବିପିନ ବିହାରୀ ଦାସ, ଗଗନ ବିହାରୀ ଦାସ, ରାମକୃଷ୍ଣ ଦାସଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ପ୍ରକାଶ ଯେ, ୧୭୨୩ରେ ତତ୍କାଳୀନ ବଡ଼ଖେମୁଣ୍ଡି ରାଜା ଶ୍ରୀପଦ୍ମନାଭ ଦେବ ବିଜୟପଦ୍ମନାଭପୁର ଶାସନ ଲାଡିଗାଁ ବ୍ରାହ୍ମଣ ଶାସନକୁ ପ୍ରତିଷ୍ଠା କରିଥିଲେ। ସେହିଦିନରୁ ଖେମୁଣ୍ଡି ରାଜବଂଶ ସହିତ ଉକ୍ତ ଗ୍ରାମର ବ୍ରାହ୍ମଣମାନଙ୍କ ସହିତ ସମ୍ପର୍କ ରହିଛି। ସମ୍ପ୍ରତି ଗ୍ରାମଦେବତୀ ଭଗବତୀ ମା’ ପୀତାମ୍ବରୀଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ମହାଯଜ୍ଞରେ ମଧ ଗ୍ରାମବାସୀଙ୍କ ପକ୍ଷରୁ ଖେମୁଣ୍ଡି ରାଜବଂଶକୁ ନିମନ୍ତ୍ରଣ କରାଯାଇଥିଲା। ଗ୍ରାମବାସୀଙ୍କ ନିମନ୍ତ୍ରଣ ରକ୍ଷା କରି ରାଜବଂଶର ଦାୟାଦ ମୋହନ ପ୍ରସାଦ ଦେବ, ସୁଶାନ୍ତ ପ୍ରସାଦ ଦେବ, କିଶୋର ପ୍ରସାଦ ଦେବ, ଶ୍ରୀଧର ଦେବ ଏବଂ ସପନ ଦେବଙ୍କ ସମେତ ରାଜମାତାମାନେ ମଧ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ୫ ଦିନ ବ୍ୟାପି ଚାଲିଥିବା ଏହି ମହାଯଜ୍ଞ ପୂର୍ଣ୍ଣାହୁତିରେ ଆଖପାଖ ଗ୍ରାମର ବହୁ ଭକ୍ତ ଉପସ୍ଥିତ ଥିଲେ।

## ଆଇଟିବିପି ହାବିଲଦାରଙ୍କ ପରଲୋକ / ଆଜି ଗାଁରେ ପହଞ୍ଚିବ ମୃତଦେହ



ପ୍ରଶାନ୍ତଙ୍କ ଫାଇଲ ଫଟୋ।



ପ୍ରଶାନ୍ତଙ୍କ ଦୁଇ ଝିଅ ସହ ପରିବାର ଲୋକେ।

**ଭଞ୍ଜନଗର,୨୭।୨(ଡି.ଏନ୍.ଏ.)**

ଅରୁଣାଞ୍ଚଳପ୍ରଦେଶରେ କାର୍ଯ୍ୟରତ ଥିବା ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଲଣ୍ଡେଇସାହିର ଆଇଟିବିପି ହାବିଲଦାର ପ୍ରଶାନ୍ତ କୁମାର ଲେଙ୍କା (୩୮)ଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ଏନେଇ ଆଇଟିବିପି ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଖବର ପାଇ ପ୍ରଶାନ୍ତଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ପ୍ରଶାନ୍ତ ଡ୍ୟୁଟିରେ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଆଇଟିବିପି ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ତାଙ୍କ ପରିବାର ଲୋକେ ପ୍ରଶାନ୍ତଙ୍କ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ଅମ୍ଳଯାନ ଅଭାବ କିମ୍ବା ଅନ୍ୟ କୈଣସି କାରଣରୁ ମୃତ୍ୟୁ ହୋଇଥାଇପାରେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପ୍ରଶାନ୍ତଙ୍କ ବାପା ବନମାଳୀ ଲେଙ୍କା ସୂଚନା ଦେଇଛନ୍ତି। ପ୍ରଶାନ୍ତଙ୍କ ସ୍ତ୍ରୀ ଓ ୨ ଛୋଟ ଝିଅ ଅଛନ୍ତି। ମଙ୍ଗଳବାର ରାତିରେ ପ୍ରଶାନ୍ତ ସ୍ତ୍ରୀଙ୍କୁ ଫୋନ କରି ମାର୍ଚ୍ଚ ଶେଷ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ଛୁଟି ନେଇ ଗ୍ରାମକୁ ଯିବେ ବୋଲି କହିଥିଲେ।

ସୂଚନାଯୋଗ୍ୟ ଯେ, ପ୍ରଶାନ୍ତଙ୍କ ପିତା ବନମାଳୀ ଆଇଏନ୍ଏସ୍ ଚିଲିକାରେ କାର୍ଯ୍ୟରତ ଥିଲେ। ୫ମାସ ପୂର୍ବେ ପ୍ରଶାନ୍ତ ଡେରାଡୁନରୁ ବଦଳି ହୋଇ ଅରୁଣାଞ୍ଚଳ ପ୍ରଦେଶର ତୁଙ୍ଗୁରିଗଡକୁ ଯାଇଥିଲେ। ବୁଧବାର ଭାରତ ଚୀନ ସୀମାବର୍ତ୍ତୀ ଅଞ୍ଚଳକୁ ଡ୍ୟୁଟିରେ ଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ଶୁକ୍ରବାର ରାତି ପ୍ରାୟ ୯ଟାରେ ମୃତଦେହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବାପରେ ଭଞ୍ଜନଗର ଅଣାଯିବ। ଶନିବାର ପ୍ରତ୍ୟୁଷରେ ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାପଡିଛି।

## ବାହାଦୁରପେଟାରେ ମା’ ବୁଢ଼ୀ ଠାକୁରାଣୀ ଯାତ୍ରା

**କନିଷି,୨୭।୨(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବାହାଦୁରପେଟା ଗ୍ରାମରେ ମା’ ବୁଢ଼ୀ ଠାକୁରାଣୀ ଯାତ୍ରା ପାଳିତ ହେଉଛି। ଏହି ଯାତ୍ରା ୫ ବର୍ଷକୁ ଥରେ ଅନୁଷ୍ଠିତ ହୋଇଥାଏ। ଫେବୃୟାରୀ ୨୪ରେ ଆରମ୍ଭ ହୋଇଥିବା ଏହି ଯାତ୍ରା ମାର୍ଚ୍ଚ ୩ରେ ଉଦ୍‌ଯାପିତ ହେବ। ପ୍ରତ୍ୟେକ ଦିନ ମା’ଙ୍କ ଅସ୍ଥାୟୀ ମଣ୍ଡପରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ମା’ଙ୍କ ନିକଟରେ ପ୍ରତ୍ୟହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମା’ଙ୍କୁ ଦର୍ଶନ ନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ ଗଞ୍ଜାମ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା, ୫୫ ନଂ ଜୋନ ମଣ୍ଡଳ ସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ରାଜେଶ ସାହୁ ପ୍ରମୁଖ ନେତାମାନେ ଯୋଗ ଦେଇଥିବା ବେଳେ ବାହାଦୁରପେଟା ଗ୍ରାମବାସୀ କମିଟି ତରଫରୁ ଶାନ୍ତିଶୃଙ୍ଖଳାରେ ପରିଚାଳିତ ହେଉଛି।

# କୃଷ୍ଣସାର ମୃଗ ଗଣନା ପ୍ରଶିକ୍ଷଣ ଶିବିର

**ଆସିକା,୨୭।୨(ଡି.ଏନ୍.ଏ.)**

ଆସିକା ବନାଞ୍ଚଳର ଚାରିମଇଲିସ୍ଥିତ କାର୍ଯ୍ୟାଳୟ ପରିସରରେ ଗୁରୁବାର କୃଷ୍ଣସାର ମୃଗ ଗଣନା ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ସହକାରୀ ବନସଂରକ୍ଷକ ପ୍ରଭାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷ୍ଣସାର ମୃଗ ସୁରକ୍ଷା ସମିତିର ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟ, ଉତ୍ତର ଘୁମୁସର ବନଖଣ୍ଡ ସହକାରୀ ବନସଂରକ୍ଷକ ସୁଦର୍ଶନ ବାଦି, ଆସିକା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁ, ବୁଗୁଡା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ପୋଲସରା ବନାଞ୍ଚଳ ଅଧିକାରୀ ସଚିନ କୁମାର ପ୍ରଧାନ, ବଡଗଡ ବନାଞ୍ଚଳ ଅଧିକାରୀ ନରସିଂହ ବେହେରା ଓ ସୋରଡା ବନାଞ୍ଚଳ ଅଧିକାରୀ ଲମ୍ବୋଦର ବାପ୍‌କେଙ୍କ ସମେତ ସ୍ୱେଚ୍ଛାସେବୀମାନେ ସାମିଲ ଥିଲେ। ଶିବିରରେ ବନ୍ୟପ୍ରାଣୀ ବିଶେଷଜ୍ଞ ଭକ୍ତପଦାରବିନ୍ଦ ରଥ, ନିମାଇଁ ପୋଲାଇ, ଡ. ସୁଧାକର କର, ରାଜା ଜେନା ପ୍ରମୁଖ ଯୋଗଦେଇ ମୋବାଇଲ ଆପ ଜରିଆରେ କିଭଳି ମୃଗ ଗଣନା କରାଯିବ ପ୍ରଶିକ୍ଷଣ ଦେଇଥିଲେ। ଶନିବାର ଆସିକା, ବୁଗୁଡା ଓ ପୋଲସରା ବନାଞ୍ଚଳରେ କୃଷ୍ଣସାର ଗଣନା କରାଯିବ। ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ବନାଞ୍ଚଳରେ ମୋଟ ୬୩ଟି କେନ୍ଦ୍ରରେ ଏହି ଗଣତି କରାଯିବ। ପ୍ରତ୍ୟେକ କେନ୍ଦ୍ରରେ ୨ଜଣ ଲେଖାଏ ବନ କର୍ମଚାରୀଙ୍କ ସହ ଦୁଇ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିବା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି। ଆସିକା ବନପାଳ କଳ୍ପନା କୁମାରୀ ପ୍ରଧାନ ଓ ବନରକ୍ଷୀ ବିଷ୍ଣୁପ୍ରିୟା ପ୍ରଧାନ, ଶରତ ବେହେରା, ସନ୍ତୋଷ ବେହେରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସାଇବର କ୍ରାଇମ ସଚେତନତା ସଭା

**ଭଞ୍ଜନଗର,୨୭।୨(ଡି.ଏନ୍.ଏ.)**

ଦେଶରେ ସାଇବର କ୍ରାଇମ ଦିନକୁ ଦିନ ବଢ଼ିବାରେ ଲାଗିଛି। ସଚେତନତା ଅଭାବ ଯୋଗୁ ଅନେକ ଲୋକ ଠକାମୀର ଶିକାର ହେଉଛନ୍ତି। ତେଣୁ ସାଇବର କ୍ରାଇମ ଉପରେ ଲୋକଙ୍କୁ ସଚେତନତା କରିବା ପାଇଁ ଭଞ୍ଜନଗର ବାର ଆସୋସିଏଶନ ପରିସରରେ ଏକ ସଭା ହୋଇଥିଲା।

ତାଲୁକା ଆଇନ ସହାୟତା ସଂସ୍ଥା ପକ୍ଷରୁ ଏହିସଭା ଆୟୋଜନ ହୋଇଥିଲା। ଏଥିରେ ଏସ୍‌ଡିଜେଏମ୍ ବେଦପ୍ରକାଶ ଅଧକ୍ଷତା କରିଥିଲେ। ଜେଏମ୍ଏଫସି ସୁନିଲା ମିଶ୍ର, ସଭ୍ୟ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ବାର ଆସୋସିଏଶନ ଉପ ସଭାପତି ଜ୍ୟୋତିରାଜ ପତି, ଆଇନଜିବୀ ଅଶ୍ୱିନୀ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବାର ଆସୋସିଏଶନ ସମ୍ପାଦକ ଅଶୋକ କୁମାର ଜେନା ସଭା ସଂଯୋଜନା କରିଥିଲେ।




ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଉଦ୍‌ବୋଧନ ଦେଉଛନ୍ତି।

# କଡ଼ା ସୁରକ୍ଷାରେ ଯୁକ୍ତ୨ ପ୍ରଶ୍ନପତ୍ର

**ଭଞ୍ଜନଗର,୨୭।୨(ଡି.ଏନ.ଏ.)**

**ଅଧାପକଙ୍କୁ ମୋବାଇଲ ମନା, ନାକ୍ ପାଇଁ ପ୍ରସ୍ତୁତି**

ଯୁକ୍ତ୨ ଦ୍ୱିତୀୟ ବର୍ଷ ବାର୍ଷିକ ପରୀକ୍ଷା ମାର୍ଚ୍ଚ ୩ରୁ ଆରମ୍ଭ ହେବ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ଅପରାହ୍ନରେ ପ୍ରଶ୍ନପତ୍ର ପହଞ୍ଚିଛି। ପ୍ରଶ୍ନପତ୍ର ଥିବା ରୁମ୍‌କୁ ସିଲ୍ କରାଯାଇ ରୁମ୍ ସମ୍ମୁଖରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଠାରୁ ଅଞ୍ଚଳର ଆଉ କିଛି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବ। ପରୀକ୍ଷା ଦିନ ସକାଳେ ସିଲ୍ ଖୋଲି ପ୍ରଶ୍ନପତ୍ର ପଠାଯିବ। ଏଭଳି ପରିସ୍ଥିତିରେ କେଏସ୍‌ୟୁବି କଲେଜରେ ଗୁରୁବାର ଯୁକ୍ତ୨ ଓ ଯୁକ୍ତ୩ ପରୀକ୍ଷା ପରିଚାଳନା, ନାକ୍ ଓ କାପା ଉପରେ ଆଲୋଚନା ହୋଇଥିଲା। ଏଥିରେ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ।

ଯୁକ୍ତ୨ ପରୀକ୍ଷା ଚାଲିଥିବାବେଳେ କଲେଜର କୌଣସି କର୍ମଚାରୀ ମୋବାଇଲ ଫୋନ୍ ବ୍ୟବହାର କରିପାରିବେ ନାହିଁ। ପରୀକ୍ଷା କିଭଳି ଶାନ୍ତି ଶୃଙ୍ଖଳାର ସହ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଏଥିସହ ଶୁକ୍ରବାର ଠାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିଭିନ୍ନ ମହାବିଦ୍ୟାଳୟରେ ଯୁକ୍ତ୩ ଷଷ୍ଠ ସେମିଷ୍ଟାର ପରୀକ୍ଷା ଆରମ୍ଭ ହେଉଛି। ଏନେଇ ମଧ୍ୟ ଆଲୋଚନା ହୋଇଥିଲା। ଆଗକୁ ନାକ୍ ଟିମ୍ କଲେଜ ପରିଦର୍ଶନରେ ଆସିବେ। ତେଣୁ ଏନେଇ ଆବଶ୍ୟକ କାଗଜପତ୍ର କିଭଳି ପ୍ରସ୍ତୁତ କରାଯିବ, କାପା ସଫ୍ଟୱେର କିଭଳି ବ୍ୟବହାର ହେବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା।



ଷ୍ଟାଫ୍ କାଉନ୍‌ସିଲ ବୈଠକରେ ଅଧକ୍ଷ ଉଦ୍‌ବୋଧନ ଦେଉଛନ୍ତି।




# ୪୦ ହଜାର ଲୁଟିନେଲେ ଦୁର୍ବୃତ୍ତ

**ଚିକିଟି,୨୭।୨(ଡି.ଏନ୍.ଏ.)**

ବ୍ରହ୍ମପୁର ପୋଲିସ୍ ଜିଲା କେ.ନୂଆଗାଁ ଥାନା କରବାଲୁଆ ଛକ-ଭୋଳାସିଙ୍ଗି ରାସ୍ତାରେ ଥିବା ମା' ବଗଳାମୁଖୀ ମନ୍ଦିର ନିକଟରେ ଗୁରୁବାର ଅପରାହ୍ନରେ ଜଣେ ବୃଦ୍ଧ ଲୁଟ୍‌ର ଶିକାର ହୋଇଛନ୍ତି। ସେ ହେଲେ କଳବାଡ ପଞ୍ଚାୟତ ବଡଗାଁ ଗ୍ରାମର ରଘୁ ବେହେରା (୬୦)।

ରଘୁ ଚିକିଟିପେଣ୍ଠସ୍ଥିତ ଆନ୍ଧ୍ର ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଇ ସାଇକେଲ ଯୋଗେ ଉକ୍ତ ରାସ୍ତା ଦେଇ ଘରକୁ ଫେରୁଥିଲେ। ମନ୍ଦିର ନିକଟରେ ୨ ଜଣ କଳା ମୁଖାଧାରୀ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ରଘୁଙ୍କୁ ଅଟକାଇ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ବୃଦ୍ଧଙ୍କ ପାଟିଶୁଣି ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ୍ୟ ଟେର୍ ପାଇ ନ ଥିଲେ। କେ.ନୂଆଗାଁ ପୋଲିସ୍ ଓ ଚିକିଟି ଫାଣ୍ଡି ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ବର୍ଷେ ମଧ୍ୟରେ ଏପରି ୧୦ରୁ ଊର୍ଦ୍ଧ୍ୱ ଘଟଣା ଘଟିଥିଲେ ମଧ୍ୟ ଆଜିସୁଦ୍ଧା ପୋଲିସ କୌଣସି ଦୁର୍ବୃତ୍ତଙ୍କୁ କାବୁ କରିପାରି ନ ଥିବା ଜଣାପଡିଛି। ଏ ସମ୍ପର୍କରେ ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଏନେଇ ଥାନାରେ କୌଣସି ଏତଲା ହୋଇ ନାହିଁ ମାତ୍ର ପୋଲିସ ନିଜଆଡୁ ତଦନ୍ତ ଚଳାଇଥିବା କହିଛନ୍ତି।




# ୭ ଜଣଙ୍କ ନାଁରେ ଏତଲା ନିର୍ଦ୍ଦେଶ ଦେଲେ ଜିଲାପାଳ

## କାର୍ଯ୍ୟାଳୟରେ ଅନୁପସ୍ଥିତ, ଅର୍ଥ ତୋସରପାତରେ ସମ୍ପୃକ୍ତ

**ଛତ୍ରପୁର,୨୭।୨(ଡି.ଏନ.ଏ.)**

କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ଓ ଉନ୍ନୟନ କାର୍ଯ୍ୟ ଅର୍ଥ ତୋସରପାତ କରିବା ୭ ଜଣଙ୍କୁ ମହଙ୍ଗା ପଡ଼ିଛି। ସେମାନଙ୍କ ମଧ୍ୟରେ ୫ଜଣ ସରକାରୀ କର୍ମଚାରୀ ଥିବା ବେଳେ ଜଣେ ସରପଞ୍ଚ ଓ ଜଣେ ପୂର୍ବତନ ସରପଞ୍ଚ ରହିଛନ୍ତି। ଏହି ୭ ଜଣଙ୍କ ବିରୋଧରେ ନିକଟସ୍ଥ ଥାନାଗୁଡ଼ିକରେ ଏତଲା ଦେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି।

ଦିଗପହଣ୍ଡି ବ୍ଲକର ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ମିଥୁନ କୁମାର ପ୍ରଧାନ ଓ ଟୁନା ସାହୁ ଦୀର୍ଘ ଦିନ ଧରି କାର୍ଯ୍ୟାଳୟକୁ ଯାଉନାହାନ୍ତି। ତେଣୁ ସେମାନଙ୍କ ବିରୋଧରେ ସ୍ଥାନୀୟ ଦିଗପହଣ୍ଡି ଥାନାରେ ଏତଲା ଦାୟର କରିବା ପାଇଁ ଦିଗହପହଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ହଳଧର ଶବରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଟୁନା ସାହୁ ପୂର୍ବରୁ କାର୍ଯ୍ୟରୁ ନିଲମ୍ବନ ହୋଇଛନ୍ତି। ହେଡକ୍ୱାର୍ଟର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ତାଙ୍କୁ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ସେଠାରେ ସେ ତାଙ୍କ ଉପସ୍ଥାନ ସୁନିଶ୍ଚିତ କରିନାହାନ୍ତି। ସେହିପରି ଖଲ୍ଲିକୋଟ ବ୍ଲକର ପୂର୍ବତନ ଗ୍ରାମ ପଞ୍ଚାୟତ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଓ ବିକ୍ରମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ମମତା ପ୍ରଧାନ କମ୍ପ୍ୟୁଟର କିଣାର ମିଥ୍ୟା ରସିଦ୍ ଦେଇ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ତୋସରପାତ କରିଥିବା ଅଭିଯୋଗ ହୋଇଥିଲା। ତେଣୁ ଉଭୟଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ଦାୟର କରିବାକୁ ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କବିସୂର୍ଯ୍ୟନଗର ବ୍ଲକର ପୂର୍ବତନ ଗ୍ରାମ ପଞ୍ଚାୟତ ଅଧିକାରୀ ନୀଳକଣ୍ଠ ସ୍ୱାଇଁ ଓ ବଡ ମହୁରୀ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଟି. ଭାରତୀ ପ୍ରଧାନ ଟ୍ରଲି ଓ ଡଷ୍ଟବିନ୍ ବାବଦରେ ମିଥ୍ୟା ରସିଦ ଦେଇ ୪ ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ତୋସରପାତ କରିଥିବା ଅଭିଯୋଗ ହୋଇଥିଲା। ସେମାନଙ୍କ ବିରୋଧରେ ଏତଲା ଦେବା ପାଇଁ କବିସୂର୍ଯ୍ୟନଗର ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବେଲଗୁଣ୍ଠା ବ୍ଲକ ଖଇରପୁଟି ପଞ୍ଚାୟତର ପୂର୍ବତନ ନିର୍ବାହୀ ଅଧିକାରୀ ହାଡୁ ନାୟକ ଦୀର୍ଘଦିନ ଧରି କାର୍ଯ୍ୟରେ ଅନୁପସ୍ଥିତ ଥିବାରୁ ତାଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ପାଇଁ ବେଲଗୁଣ୍ଠା ବିଡିଓ ସରୋଜ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ଏସବୁ ଏତଲା ଦାୟର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ନକଲ ଜିଲାପାଳଙ୍କ ଅବଗତି ନିମନ୍ତେ ପ୍ରଦାନ କରିବାକୁ କୁହାଯାଇଛି।

# ଋଷିକୁଲ୍ୟାରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଛତ୍ରପୁର,୨୭।୨(ଡି.ଏନ୍.ଏ.)**

ଛତ୍ରପୁର ଥାନା ହଂସପୁର ନିକଟ ଋଷିକୁଲ୍ୟା ନଦୀରେ ବୁଡ଼ି ଗୁରୁବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହଂସପୁର ଗାଁର ଦୁଃଖୀ ସେଠୀ (୬୫)। ପୂର୍ବାହ୍ନରେ ଦୁଃଖୀ ନିକଟସ୍ଥ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇ ଥିଲେ। ସେଠାରେ ଗାଧୋଉଥିବା ଅନ୍ୟ ବ୍ୟକ୍ତିମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ଦୁଃଖୀଙ୍କୁ ଛତ୍ରପୁର ହସ୍ପିଟାଲକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ଦୁଃଖୀଙ୍କର ୩ ପୁଅ ଅଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ